ଆଜି - ଗୁରୁବାର
ତାରିଖ - ୧୬ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୩୨
ତିଥି - ଦ୍ୱିତୀୟା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଅଶ୍ଲେଷା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୦: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ଜୟ ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ ଭବ ତୁମେ ।

ପବିତ୍ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ମହାପ୍ରଭୁଙ୍କ ଭକ୍ତଗଣଙ୍କୁ 'ଆଜିକାଲି' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।


E-News : www.Ajikali epaper.com

Vol.- 41 ISSUE- 93 R.N.I. REGD. No. 44026/86 ବାଲେଶ୍ୱର ୧୬ ଜୁଲାଇ ୨୦୨୬ ଗୁରୁବାର BALASORE 16 JULY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି

## ଲୋକାରଣ୍ୟ ଶ୍ରୀକ୍ଷେତ୍ର, ସିଂହ ଦ୍ୱାର ସମ୍ମୁଖରେ ତିନି ରଥ



ପୁରୀ : ସିଂହଦ୍ୱାରରେ ଲାଗିଲା ତିନିରଥ । ରଥଖଳାରୁ ଦକ୍ଷିଣମୋଡ ହୋଇ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରେ ପରେ ଦେବୀ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଶେଷରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ସିଂହଦ୍ୱାର ଅଭିମୁଖେ ପୋଲିସ, ଭୋଇ ସେବକ ମହାରଣା ସେବକ ମାନଙ୍କ ଦ୍ୱାରା ଟଣାଯାଇଥିଲା । ଶ୍ରୀମନ୍ଦିରରୁ ତିନୋଟି ଆଜ୍ଞାମାଳ ଆସିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବିଜେ କାହାଳୀ ସହ ଘଂଟୁଆ ସେବକଙ୍କ ଘଂଟ ତାଳରେ କମ୍ପି ଉଠିଥିଲା ରଥଖଳା ଓ ମହାଖଳା ସିଂହଦ୍ୱାର । ହଜାର ହଜାର ଭକ୍ତଙ୍କ ଜୟ ଶ୍ରୀଜଗନ୍ନାଥ, ହରିବୋଲ ଓ ହୁଳୁହୁଳିରେ ତିନିରଥର ଦକ୍ଷିଣମୋଡ କରାଯାଇଥିଲା । ଆଜ୍ଞାମାଳ ଆସିବା ପୂର୍ବରୁ ଇନ୍ଦ୍ରଦେବ ବଡଦାଣ୍ଡକୁ ବର୍ଷା ଦ୍ୱାରା ଶୁଦ୍ଧପୂତ କରିଥିଲେ । ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଆଜିଠାରୁ ଲକ୍ଷାଧିକ ଭକ୍ତ ପୁରୀରେ ପହଂଚିଲେଣି । ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଶ୍ରୀଗୁଣ୍ଡିଚା ଯାତ୍ରାକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ପହଣ୍ଡି ହୋଇ ରଥାରୁଢ ହେବା ପରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ । ଭକ୍ତି ଭାବରେ ଉଛୁଳି ପଡୁଛି ବଡଦାଣ୍ଡ । ଭକ୍ତ ଭାବବିହ୍ୱଳ ହୋଇ ବର୍ଷାକୁ ଖାତିରି ନକରି ବଡଦାଣ୍ଡରେ ପ୍ରଭୁଙ୍କ ପାଇଁ ଅପେକ୍ଷାରତ ।ଆବାଳ ବୃଦ୍ଧବନିତା ଏହି ଦୁର୍ଲଭ ଯାତ୍ରାକୁ ଦର୍ଶନ କରିବା ପାଇଁ ଅପେକ୍ଷାରତ । ଲକ୍ଷ ଲକ୍ଷ ଭକ୍ତ ଭଜନ କୀର୍ତନ କରି ଟ୍ରେନ ବସ ଓ ଭଡା ଗାଡି ଦ୍ୱାରା ପୁରୀକୁ ଆସୁଛନ୍ତି । ଘୁ ଘୁ ଶବ୍ଦରେ କମ୍ପୁଛି ବଡଦାଣ୍ଡ । ରଥ ପଥ ଜଗନ୍ନାଥ ଓ ଭକ୍ତଙ୍କ ର ହେବ ମହାମିଳନ । ବଡଦାଣ୍ଡର ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଖୁଂଟରେ ଲାଉଡ ସ୍ପିକରରେ ମହାପ୍ରଭୁଙ୍କ ଭଜନ ବାଜୁ ଥିବାରୁ ଭକ୍ତ ଆନନ୍ଦିତ ହେଉଛନ୍ତି । ଉଜ୍ଜ୍ୱଳ ଏଲଇଡି ଲାଇଟରେ ଝଲସୁଛି ବଡଦାଣ୍ଡ । ଖୋଲିଗଲାଣି ସ୍ୱେଚ୍ଛାସେବୀଙ୍କ ଷ୍ଟଲ । ଚଳଚଂଚଳ ଶ୍ରୀକ୍ଷେତ୍ର । ସମସ୍ତଙ୍କ ଅପେକ୍ଷା କାଳିଆ ସାଆନ୍ତଙ୍କ ଦର୍ଶନ ।

# ଆସନ୍ତାକାଲି ହରିୟାଣା, ଚଣ୍ଡିଗଡ଼ ଏବଂ ପଞ୍ଜାବ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୭ ଜୁଲାଇ ୨୦୨୬ ରେ ହରିୟାଣା, ଚଣ୍ଡିଗଡ଼ ଏବଂ ପଞ୍ଜାବ ଗସ୍ତ କରିବେ । ପ୍ରାୟ ୧୧ ଟାରେ, ପ୍ରଧାନମନ୍ତ୍ରୀ ଜିନ୍ଦ ରେଳ ଷ୍ଟେସନରେ ଜିନ୍ଦ ଏବଂ ସୋନିପତ ମଧ୍ୟରେ ଭାରତର ପ୍ରଥମ ହାଇଡ୍ରୋଜେନ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ପ୍ରାୟ ୧୧:୩୦ ଟାରେ, ପ୍ରଧାନମନ୍ତ୍ରୀ ଜିନ୍ଦର ଏକଲବ୍ୟ ଷ୍ଟାଡିୟମରେ ପ୍ରାୟ ୧୪,୭୦୦ କୋଟି ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ସେ ଏହି ଅବସରରେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ଏହା ପରେ, ପ୍ରଧାନମନ୍ତ୍ରୀ ଚଣ୍ଡିଗଡ଼ ଯାତ୍ରା କରିବେ



ଯେଉଁଠାରେ ଅପରାହ୍ନ ୧:୪୫ ଟାରେ, ସେ ୪,୭୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ । ସେ ଏହି ଅବସରରେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ପରେ, ପ୍ରଧାନମନ୍ତ୍ରୀ ଜଳନ୍ଧର ଗସ୍ତ କରିବେ ଯେଉଁଠାରେ ସେ ୫,୪୭୦ କୋଟିରୁ ଅଧିକ ମୂଲ୍ୟର ଅନେକ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ଜିନ୍ଦ ଏବଂ ସୋନିପତ ମଧ୍ୟରେ ଭାରତର ପ୍ରଥମ ହାଇଡ୍ରୋଜେନ୍-ଚାଳିତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ, ଯାହା ରେଳ କ୍ଷେତ୍ରରେ ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତରେ ଡିଜାଇନ୍, ଇଞ୍ଜିନିୟର ଏବଂ ସମନ୍ୱିତ, ଟ୍ରେନଟି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ ହୋଇଛି, ଯାହା ଉନ୍ନତ ରେଳ ଇଞ୍ଜିନିୟରିଂରେ ଦେଶର ବର୍ଦ୍ଧିତ କ୍ଷମତାକୁ ପ୍ରତିଫଳିତ କରେ । ଏହାର ପ୍ରଚଳନ ସହିତ, ଭାରତ ହାଇଡ୍ରୋଜେନ୍-ଚାଳିତ ଟ୍ରେନଗୁଡ଼ିକୁ କାର୍ଯ୍ୟକାରୀ କରୁଥିବା ଦେଶର ଚୟନିତ ଗୋଷ୍ଠୀରେ ଯୋଗ ଦେଇଛି ।


15001/83/2627

ପବିତ୍ର ରଥଯାତ୍ରା ଅବସରରେ
ଓଡ଼ିଶାର
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମପାଟି)



ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0083



CIO
बीमा लोकपाल परिषद
Council for Insurance Ombudsmen

ଆପଣଙ୍କ ଅଭିଯୋଗର ସମାଧାନ
ଆପଣଙ୍କ ବୀମାକର୍ତ୍ତା / ବୀମା ବ୍ରୋକର ସମାଧାନ କରି ନାହାନ୍ତି କି ?
ଆପଣ ନିଜର ଅଭିଯୋଗକୁ ଅନ୍‌ଲାଇନ ପଞ୍ଜିକରଣ କରନ୍ତୁ
https://cioins.co.in/Complaint/online



ପଞ୍ଜିକରଣରୁ
ସମାଧାନ ପର୍ଯ୍ୟନ୍ତ
ନିଃଶୁଳ୍କ
ଆପଣ ଘରେ ବସି କରିବେ

- ଆମେ କୌଣସି ଶୁଳ୍କ ନେଉ ନାହୁଁ
- ଆମର କୌଣସି ପ୍ରତିନିଧି/ମଧ୍ୟସ୍ଥ ନାହାନ୍ତି
- ଆପଣ ଡାକ/ଇ-ମେଲ୍‌ରେ ଲିଖିତ ଅଭିଯୋଗ ମଧ୍ୟ ଦାଖଲ କରିପାରିବେ

ଇନ୍‌ସ୍ୟୁରାନ୍ସ ଅମ୍ବୁଡ୍ସମ୍ୟାନ୍, ଇନ୍‌ସ୍ୟୁରାନ୍ସ ଅମ୍ବୁଡ୍ସମ୍ୟାନ୍ ନିୟମ ୨୦୧୭ (ଅଦ୍ୟାବଧି ସୁଦ୍ଧା ସଂଶୋଧିତ) ଅନୁସାରେ ଅଭିଯୋଗ ପ୍ରାପ୍ତ କରାଯିବ ଏବଂ ଏହା ଉପରେ ବିଚାର କରାଯିବ

ଇନ୍‌ସ୍ୟୁରାନ୍ସ ଅମ୍ବୁଡ୍ସମ୍ୟାନ୍‌ର ୧୮ଟି କାର୍ଯ୍ୟାଳୟ ଇ-ମେଲ ଆଇଡ଼ି ନିମ୍ନରେ ଦିଆଯାଇଅଛି :-

ଅହମ୍ମଦାବାଦ୍ oio.ahmedabad@cioins.co.in । ବାଙ୍ଗାଲୁରୁ oio.bengaluru@cioins.co.in
ଭୋପାଳ oio.bhopal@cioins.co.in । ଭୁବନେଶ୍ୱର oio.bhubaneswar@cioins.co.in
ଚଣ୍ଡିଗଡ଼ oio.chandigarh@cioins.co.in । ଚେନ୍ନାଇ oio.chennai@cioins.co.in । ଦିଲ୍ଲୀ oio.delhi@cioins.co.
ଗୋହାଟି oio.guwahati@cioins.co.in । ହାଇଦ୍ରାବାଦ୍ oio.hyderabad@cioins.co.in
ଜୟପୁର oio.jaipur@cioins.co.in । କୋଚି oio.ernakulam@cioins.co.in । କୋଲକାତା oio.kolkata@cioins.co.
ଲକ୍ଷ୍ନୌ oio.licknow@cioins.co.in । ମୁମ୍ବାଇ oio.mumbay@cioins.co.in । ନୋଇଡ଼ା oio.noida@cioins.co.
ପାଟନା oio.patna@cioins.co.in । ପୁନେ oio.pune@cioins.co.in । ଥାନେ oio.Thane@cioins.co.

ଜନହିତରେ ଜାରି | ଦେଖନ୍ତୁ : www.cioins.co.in | ସିଆଇଓ ବିଷୟରେ ଅଧିକ ଜାଣିବା ପାଇଁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

CBC 15227/13/0001/2627




# ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅନୁମୋଦନ କ୍ରମେ ଲୋକାର୍ପିତ ହେଲା ପ୍ରଧାନମନ୍ତ୍ରୀ ଆଦ୍ୟାଶା କେନ୍ଦ୍ର





ବାଲେଶ୍ୱର(ନିପ୍ର): ବହୁ ଅପେକ୍ଷାର ଅନ୍ତ ଘଟାଇ ବାଲେଶ୍ୱର ଫକୀମୋହନ ମେଡିକାଲ୍ କଲେଜ ପରିସରରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଧାନମନ୍ତ୍ରୀ ଆଦ୍ୟାଶା କେନ୍ଦ୍ର ଲୋକାର୍ପିତ ହୋଇଛି, ଦୀର୍ଘ ଦିନଧରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଯେଉଁ ପ୍ରଚେଷ୍ଟା ଚଳାଇ ଥିଲେ ତାହା ଆଜି ସଫଳ ହୋଇଛି, ବାଲେଶ୍ୱର ଫକୀମୋହନ ମେଡିକାଲ୍ କଲେଜ ପରିସରରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀ ଙ୍କ ସମେତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲବିୟ, ମେଡିକାଲ୍ କଲେଜ୍ ଡିନ୍ ଜ୍ଞାନେନ୍ଦ୍ର ବେହେରା, ସିଭିଲ ସୋସାଇଟୀ ସଦଶ୍ୟ ଈଶ୍ୱର ଚନ୍ଦ୍ର ବେହେରା ଙ୍କ ଉପସ୍ଥିତିରେ ରେ ଫିତା କାଟି ସାଂସଦ ଷଡଙ୍ଗୀ ଉଦ୍ ଘାଟନ କରିଥିଲେ । ଓ ପରେ ମେଡିକାଲ୍ କଲେଜ ଅଡିଟୋରିଅମ ହଲ୍ ରେ ଆୟୋଜିତ ବିଶାଳ ସଭାରେ ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀ ତାଙ୍କ ବକ୍ତବ୍ୟ ରେ କହିଥିଲେ ଯେ ଏ କେନ୍ଦ୍ର କେବଳ ବାଲେଶ୍ୱର ନୁହେଁ ବରଂ ପଡ଼ୋଶୀ ଜିଲ୍ଲା ଭଦ୍ରକ, ମୟୂରଭଞ୍ଜ ତଥା ପାର୍ଶ୍ୱବର୍ତୀ ଜିଲ୍ଲାର ହଜାର ହଜାର ଦିବ୍ୟାଙ୍ଗ ଜନଙ୍କ ପାଇଁ ବହୁତ୍ ସହାୟକ ହେବ, ଏହି କେନ୍ଦ୍ର ରେ ଦିବ୍ୟାଙ୍ଗ ଜନଙ୍କୁ ଡାକ୍ତର ଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ନିଶୁଳ୍କରେ ହୁଇଲ ଚେୟାର, ଟ୍ରାଇ ସାଇକେଲ, ଆଶାବାଡ଼ି, ୮୦%ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ପାଇଁ ମୋଟର ଚାଳିତ ଟ୍ରାଇ ସାଇକେଲ, ସ୍ମାର୍ଟ କେନ୍, ସ୍ମାର୍ଟ ଫୋନ୍, ବେଲ୍ ସ୍ଲେଟ, ବେଲ୍ କିଟ୍, ଡିଜିଟାଲ ଶ୍ରବଣ ଯନ୍ତ୍ର, କମୋଡ ଚେୟାର ଇତ୍ୟାଦି ମିଳି ପାରିବ ଓ ହାତ କିମ୍ବା ଗୋଡ କଟି ଯାଇଥିବା ଦିବ୍ୟାଙ୍ଗ ଜନଙ୍କୁ ମାପ ନେଇ ଉନ୍ନତ ମାନର କୃତ୍ରିମ ଅଙ୍ଗ ପ୍ରସ୍ତୁତ କରି ସମ୍ପୂର୍ଣ୍ଣ ନିଶୁଳ୍କ ରେ ପ୍ରଦାନ ମଧ କରାଯିବ, ମଂଚାସିନ ସମସ୍ତ ଅତିଥି ମାନେ ସାଂସଦଙ୍କ ପ୍ରଚେଷ୍ଟା କୁ ଭୁୟସୀ ପ୍ରଶଂସା କରିଥିଲେ, କର୍ଯ୍ୟକ୍ରମ ଶେଷରେ ୨୫୦ ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଜନଙ୍କୁ ନିଃଶୁଳ୍କ ଆବଶ୍ୟକୀୟ ଉପ କରଣ ବଂଟନ କରାଯାଇଥିଲା, ଶେଷ ରେ ମେଡିକାଲ୍ କଲେଜ ଏଡମିନିଷ୍ଟେଟର ମନୋରମା ଭୂୟାଁ ଧନ୍ୟବାଦ୍ ଦେଇଥିଲେ ।

# ଜଳକାରେ ବନ୍ୟା: ଫୁଲୁଛି ବଳଙ୍ଗ



ବାଲେଶ୍ୱର(ନିପ୍ର): ବଙ୍ଗୋପସାଗରରେ ଲଘୁଚାପ ଜନିତ ବୃଷ୍ଟି ଫଳରେ ଉପରମୁଣ୍ଡାରେ ପ୍ରବଳ ବର୍ଷା ହେବା ଯୋଗୁଁ ଜଳକାରେ ବନ୍ୟା ଆସିଥିବାବେଳେ ବଳଙ୍ଗ ନଦୀ ଫୁଲିବାରେ ଲାଗିଛି । ଖବର ନେବାରେ ଜଣାଯାଇଛି କି ଜିଲ୍ଲାପାଳ ସୂର୍ଯ୍ୟବଂଶୀମୟୂର ବିକାଶ ସମସ୍ତ ପ୍ରଶାସନିକ ଅଧିକାରୀ, ବିଡିଓ, ତହସିଲଦାର ମାନଙ୍କ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଣେ ୧୫ ତାରିଖରେ ଭୋଗରାଇରେ ୬ମିମି., ବସ୍ତାରେ ୫୭ମିମି., ଜଳେଶ୍ୱରରେ ୮ମିମି., ବାଲିଆପାଳରେ ୫ମିମି., ବାଲେଶ୍ୱରରେ ୪୪ମିମି., ରେମୁଣାରେ ୮୭ମିମି., ନୀଳଗିରିରେ ୭୮ମିମି., ସୋରରେ ୭୬.୫ମିମି. ଏବଂ ବାହାନଗାରେ ୮୦ମିମି., ସିମୁଳିଆରେ ୭୮ମିମି., ଖଇରାରେ ସର୍ବାଧିକ ୮୭ମିମି., ଔପଦାରେ ୭୮ ଏଯାବତ ମୋଟ ୧୪ ତାରିଖରେ ୭୩୪ମିମି., ୧୫ ତାରିଖ ୬୮୪ମିମି. ବୃଷ୍ଟି ହୋଇଛି ।

# ପ୍ରଶାସନିକ ସମୀକ୍ଷା କଲେ ବିଧାୟକ ମାନସ ଦତ




ବାଲେଶ୍ୱର(ନିପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଠାରେ ରୋଗୀ କଲ୍ୟାଣ ସମିତିର ପ୍ରଶାସନିକ ପରିଚାଳନା ଗତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବଧ ସ୍ୱାସ୍ଥ୍ୟ ସେବା ଓ ଅତ୍ୟାଧୁନିକ ସ୍ବାସ୍ଥ୍ୟ ଉପକରଣ ତଥା ଡାକ୍ତରଙ୍କ ଉପସ୍ଥିତି ସମ୍ପର୍କରେ ଆଲୋଚନା ମଧ୍ୟମରେ ତଥ୍ୟ ନେଇଥିଲେ । ବିଶେଷ କରି ଚିକିତ୍ସାଧୀନ ରୋଗୀଙ୍କୁ ମିଳୁଥିବା ସେବା ତଥା ସୁବିଧା ସୁଯୋଗ, ଡାକ୍ତରଖାନାରୁ ଔଷଧ ପାଇବାରେ ସହଜତା, ନିଦାନ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ଶ୍ରୀ ଦତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିଥିଲେ । ତେବେ ଚିକିତ୍ସାଳୟର ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧିନରେ କାର୍ଯ୍ୟକ୍ଷମ ଉପକେନ୍ଦ୍ରଗୁଡିକରେ ଆବଶ୍ୟକ ଥିବା ଅଧିକ ବ୍ୟବସ୍ଥା ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ଚିକିତ୍ସାଳୟ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ତେବେ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦେବା ସହିତ ଉତମ ବ୍ୟବହାର ପ୍ରଦର୍ଶନ ପାଇଁ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ପକ୍ଷରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ଉତମ ଓ ସୁନିର୍ଣ୍ଣିତ ଚିକିତ୍ସା ସେବା ପ୍ରଦାନର ବ୍ୟବସ୍ଥା କରିବାକୁ ଶ୍ରୀ ଦତ ପରାମର୍ଶ ଦେଇଥିଲେ । ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା ଓ ସଦର ବ୍ଲକର ଅତିରିକ୍ତ ବିଡ଼ିଓ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ବ୍ଲକ ପ୍ରୋଗାମ ମ୍ୟାନେଜରଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଭ୍ୟ ବୃନ୍ଦ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।



ଶ୍ରୀଜୀଉଙ୍କର ଘୋଷଯାତ୍ରା ଆଜି । ପୁରୀରେ ପହଣ୍ଡି ୯ଟାରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ବିଶ୍ୱଆରାଧ ଜଗନ୍ନାଥ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହେବା ବେଳେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ପାଖାପାଖି ୪୦୦ରୁ ଉର୍ଦ୍ଧ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ ।(ଫଟୋ- ଦେବବ୍ରତ)

# ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ



ବାଲେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ ହଲ୍‌ରେ ଆଜି ସଂଶୋଧିତ ବ୍ୟୟ ମାନଦଣ୍ଡ, ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ–୨୦୨୬ ଏବଂ ରକେଟ୍ ଲର୍ଣ୍ଣିଂ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା ହସ୍ତକ୍ଷେପର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆଇଏଏସ୍ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପୋଷଣ, ଶିଶୁଙ୍କ ସଠିକ୍ ଅଭିବୃଦ୍ଧି ମାପନ, ଗୁଣାତ୍ମକ ପ୍ରାକ୍-ଶୈଶବ ଶିକ୍ଷା ଏବଂ ରକେଟ୍ ଲର୍ଣ୍ଣିଂର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବୀୟ, ଆଇଏଏସ୍, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂର୍ଯ୍ୟ ପ୍ରକାଶ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ଏବଂ ରକେଟ୍ ଲର୍ଣ୍ଣିଂର ରିସୋର୍ସ ପର୍ସନ ଉପସ୍ଥିତ ରହିଥିଲେ । ଜିଲ୍ଲାର ସମସ୍ତ ଡିଏସ୍‌ଡବ୍ଲ୍ୟୁଓ କର୍ମଚାରୀ, ସିଡିପିଓ, ଲେଡି ସୁପରଭାଇଜର ଓ ବ୍ଲକ୍ କୋ-ଅର୍ଡିନେଟର (ପୋଷଣ) ଅଂଶଗ୍ରହଣ କରିଥିଲେ । ଶେଷରେ ନୀଳଗିରି ଉପଖଣ୍ଡର ପ୍ରୋଗ୍ରାମ ଅଫିସର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଚଳନ ବିରୁଦ୍ଧରେ ଏଆଇଡିଏସଓ ପକ୍ଷରୁ ସମ୍ମିଳନୀ




ବାଲେଶ୍ୱର(ନିପ୍ର): ବୁଧବାର - ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ଉଦ୍ୟଗରେ 'ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷା ର ମୂଳଦୁଆ ସଂକଟରେ 'ଶୀର୍ଷକ ଏକ କନଭେନସନ ପଡୁଆଁ ପଦା ସ୍ଥିତ ଉଠା ଜଳସେଚନ କର୍ମଚାରୀ ଭବନ ରେ ଅନୁଷ୍ଠିତ ହୋଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ କି ଚଳିତ ବର୍ଷ ରାଜ୍ୟ ସରକାର ପ୍ରଚଳନ କରିଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ବହିରେ ୩୦୦୦ ରୁ ଅଧିକ ବନାନ ଗତ, ତଥ୍ୟ ଗତ ତଥା ଅବୈଜ୍ଞାନିକ ଓ ଅଯୌକ୍ତିକ ତ୍ରୁଟି ବାହାରିଛି କ୍ଷ ଏହା ବିରୁଦ୍ଧରେ ୧ - ତ୍ରୁଟି ପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯାଇ ଗତବର୍ଷର ପାଠ୍ୟପୁସ୍ତକ ରେ ଶିକ୍ଷା ଦାନ କରାଯାଉ ୨ - ପ୍ରକାଶିତ ପାଠ୍ୟପୁସ୍ତକରେ ତ୍ରୁଟି ସଂଶୋଧନ ନୁହେଁ ନୂତନ ଭାବେ ପାଠ୍ୟପୁସ୍ତକ ପୁନର୍ଲିଖନ କରାଯାଉ । ସେଥିପାଇଁ ଆମ ରାଜ୍ୟ ଭିତିକ ସିଲାବସ ପ୍ରସୂତ କରାଯାଉ । ୩ - ବନାନଗତ, ବ୍ୟାକରଣଗତ ତଥ୍ୟଭିତିକ ସମ୍ପୂର୍ଣ୍ଣ ନିର୍ଭୁଲ ତଥା ବିଜ୍ଞାନ ସମ୍ମତ, ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉ କ୍ଷ, ୪ - ବିଷୟ ଭିତିକ ବିଶେଷଜ୍ଞ ମାନଙ୍କୁ ନେଇ ଏକ ବୋଡ଼ ଗଠନ କରାଯାଇ ସେହି ବୋଡ଼ କୁ ପାଠ୍ୟପୁସ୍ତକ ଲେଖିବାକୁ ଦାଇତ୍ୱ ଦିଆଯାଉ ଏବଂ ପୁସ୍ତକ ପ୍ରକାଶନ ପୂର୍ବରୁ ବୋଡ଼ର ସମସ୍ତ ସଭ୍ୟମାନଙ୍କ ନାମ ଏବଂ ସେମାନଙ୍କ ଦ୍ୱାରା ଲିଖିତ ପାଠ୍ୟପୁସ୍ତକ ଗୁଡ଼ିକୁ ସାର୍ବଜନୀନ କରାଯାଉ । ୫ - ବିଦ୍ୟାଳୟ ସ୍ତରରେ ମାତ୍ରଭାଷା ଓ ଇଂରାଜୀ ଭାଷା ଶିକ୍ଷା କୁ ବାଧ୍ୟତା ମୂଳକ କରାଯାଉ । ୬ - ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ଗୁଡ଼ିକୁ ଅବିଳମ୍ବେ ଖୋଲାଯାଉ । ୭- ଜାତୀୟ ଶିକ୍ଷା ନୀତି ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରାଯାଉ ଇତ୍ୟାଦି ଦାବିରେ ଲଗାତାର ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ ତଥା ଆଂଚଳିକ ସ୍ତରୀୟ ଆନ୍ଦୋଳନ ଏବଂ ସଭା ସମିତିମାନ କରାଯାଉଛି । ସେହି ଧାରା ବାହିକତାରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱ ରେ ଆଜି ବାଲେଶ୍ୱର ଜିଲ୍ଲା ସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ସଭାପତି ହରେକୃଷ୍ଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହାପରେ ସଦସ୍ୟ ମୃତ୍ୟୁଞ୍ଜୟ ସେନାପତି, ଛାତ୍ର ମକର କୁଂକଲ ତଥା ବିଶିଷ୍ଟ ଶିକ୍ଷକ ବିଦ୍ୟାଧର ସାହୁ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପର୍କରେ ଗଭୀର ଉଦବେଗ ପ୍ରକାଶ କରିଥିଲେ । ଶେଷରେ ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଚଳନ ପଛରେ ଥିବା କାରଣ ଏବଂ ସେଥିପାଇଁ ଶିକ୍ଷାର ମୂଳଦୁଆ କିଭଳି ଭାବରେ ଧ୍ୱଂସ ହେବାରେ ଲାଗିଛି ଯାହାର କୁପ୍ରଭାବ ଛାତ୍ର ସମାଜ କିଭଳି କବଳିତ ହେଉଛନ୍ତି ସେ ବିଷୟରେ ସବିଶେଷ ଆଲୋଚନା କରି୍ବା ସହିତ ଏସବୁର ସମାଧାନ ପାଇଁ ଦୀର୍ଘସ୍ଥାୟୀ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ । ଶେଷରେ କନଭେନସନ ସାଙ୍ଗ କରାଯାଇଥିଲା ।

# ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସୌମ୍ୟାଶ୍ରୀ ବିଶିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ



ବାଲେଶ୍ୱର(ନିପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବାଲେଶ୍ୱର ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସଭା ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସଭାଗୃହରେ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପୌରହିତ୍ୟ ତଥା ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାସ, ନୀଳଗିରି ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ରାଜ୍ୟ ଉପ ସଭାପତି ସ୍ନେହାଶିଷ ଜେନା ଓ ତବରେଜ ଖାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୌମ୍ୟାଶ୍ରୀଙ୍କ ସ୍ମୃତି ଚାରଣ କରିଥିବା ବେଳେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଓ ଛାତ୍ରନେତା ହରେକୃଷ୍ଣ ପ୍ରଧାନ ବକ୍ତବ୍ୟ ରଖିଥିଲେ । ଗୋଟିଏ ବର୍ଷ ବିତିଥିଲେ ମଧ୍ୟ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି । ବିଜେପିର ଛାତ୍ର ସଂଗଠନ ଏବିଭିପିର ଛାତ୍ର କର୍ମକର୍ତା ଓ ନେତୃତ୍ୱମାନେ ଏହି ଘଟଣାରେ ସିଧାସଳଖ ସାମିଲ ଥିବାରୁ ବର୍ତମାନ ସୁଦ୍ଧା କ୍ରାଇମବ୍ରାଂଚ ଚୂଡ଼ାନ୍ତ ଚାର୍ଟସିଟ ଦେଉନଥିବା ଏବଂ ସରକାର ସୌମ୍ୟାଶ୍ରୀକୁ ନ୍ୟାୟ ପ୍ରଦାନ କରୁନଥିବା ସମସ୍ତେ ବକ୍ତବ୍ୟରେ କହିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଥିବା ସତ୍ତ୍ୱେ ସେ ନିଜ ଦଳର ନେତାଙ୍କୁ ବଂଚାଇବାକୁ ପ୍ରଚେଷ୍ଟା କରୁଥିବା ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି । ଏଥିସହ ଗାନ୍ଧୀସ୍ମୃତି ଭବନ ପରିସରରେ ଉପସ୍ଥିତ ସାହସ୍ରାଧିକ କ୍ୟାଣ୍ଡେଲ ଧରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ସଭା ସଂଯୋଜନା, ରଞ୍ଜିତ ଜେନା ଶ୍ରଦ୍ଧାଞ୍ଜଳି ସଂଗୀତ ଗାନ କରିଥିବା ବେଳେ ଟାଉନ ବିଜେଡି ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, ଯୁବନେତା ସେକ ଅନସର ଅଲ୍ଲୀ, ଯୁବନେତା ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ି, ସେକ ଆୟୁବ, କାର୍ତିକ ସାହୁ, ରମେଶ ମାଝୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଦେବାଶିଷ ଦାସ, ଅତୁଲ ଶତପଥୀ, ରୀତିକ ଜୀ, କାଉନସିଲର ମୀନା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରାଜଲକ୍ଷ୍ମୀ ଚାଟାର୍ଜୀ, କାଉନସିଲର ଶଶୀରେଖା ମହାନ୍ତି, କବିତା ମୁର୍ମୁ, ଲକସନ ପ୍ରଧାନ, ସୀତାଂଶୁ ଶେଖର ପରିଡ଼ା, ଜଗନ୍ନାଥ ବେହେରା, ଜ୍ୟୋତିପ୍ରକାଶ ବେହେରା, ମନୀଶ ପରିଡ଼ା, ସାବିର ହୁସେନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




## ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର'ର କର୍ମଶାଳା ଅନୁଷ୍ଠିତ




ଧାମନଗର(ନିପ୍ର): ଧାମନଗର ମହାବିଦ୍ୟାଳୟ ପରିସରରେ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବେଜ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବା ସହ ନାରୀ ସଶକ୍ତିକରଣ ଓ ନାରୀ ନେତୃତ୍ୱର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଭାରତୀୟ ସେନାର ଅବସର ପ୍ରାପ୍ତ ସୁବେଦାର ମ ଗୀରିଶ କୁମାର ସଡଙ୍ଗୀ । ଭର୍ଚୁଆଲ ମାଧ୍ୟମରେ ଛାତ୍ରୀମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ସମୟରେ ଲିଡରସିପ (ନେତୃତ୍ୱ) ଏବଂ କମ୍ୟୁନିକେସନ ଦକ୍ଷତା ଛାତ୍ରୀମାନଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ । ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ନୂତନ ଦିଗଦର୍ଶନ ଦେଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥନୀତି ବିଭାଗର ଅଧ୍ୟାପିକା ତଥା ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଅମିତା ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଦର୍ଶନ ଶାସ୍ତ୍ରର ଅଧ୍ୟାପିକା କଲ୍ୟାଣୀ ଦାସ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ପରିଶେଷରେ, ଶତାଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଭର୍ଚୁଆଲ ମାଧ୍ୟମରେ ବକ୍ତାଙ୍କ ବାର୍ତ୍ତାକୁ ଗଭୀର ଶ୍ରଦ୍ଧାର ସହ ଶ୍ରବଣ କରିଥିଲେ ।

## ଗାହାଣ ଓ ସଖୀ ନାଟର ସଂରକ୍ଷଣ ଓ ପ୍ରଚାର-ପ୍ରସାରପାଇଁ ଦୁଇ ଦିନିଆ କର୍ମଶାଳା

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକସଂଗୀତ 'ଗାହାଣ' ଓ ଲୋକନୃତ୍ୟ 'ସଖୀ ନାଟ'ର ସଂରକ୍ଷଣ, ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଜୁଲାଇ ୧୩ ଓ ୧୪ ତାରିଖରେ ଦୁଇ ଦିନିଆ କର୍ମଶାଳା ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ଲୋକକଳାର ସଂରକ୍ଷଣରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ପ୍ରାକ୍ତନ ଜିଲ୍ଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ, ଲମ୍ବୋଦର ପାଣିଗ୍ରାହୀ, ବାୟୁମନ




ଚର୍ଚ୍ଚି, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ ପାଢ଼ୀ, ବିଶିଷ୍ଟ ପଶୁମୁଖା କଳାକାର ଜଗଦୀଶ ପାଣିଗ୍ରାହୀ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କାଳୁଚରଣ ସାହୁ ଏବଂ ସଖୀ ନାଟ ଗୁରୁ ମୁରଲୀଧର ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ କଳାକାର ଉପସ୍ଥିତ ଥିଲେ । କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଗାହଣ ଏବଂ ସଖୀ ନାଟର ଇତିହାସ, ସାଂସ୍କୃତିକ ଗୁରୁତ୍ୱ, କ୍ରମବିକାଶ ଏବଂ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଥିଲା । ପରବର୍ତ୍ତୀ ଅଧିବେଶନଗୁଡ଼ିକରେ ବରିଷ୍ଠ କଳାକାରମାନଙ୍କ ଜୀବନ୍ତ ପରିବେଷଣ ଓ ପ୍ରଶିକ୍ଷଣ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରାଯାଇଥିଲା । କର୍ମଶାଳାର ବିଭିନ୍ନ ପ୍ରଶିକ୍ଷଣ ଅଧିବେଶନକୁ ସୁନାମଧନ୍ୟ ପଶୁମୁଖା କଳାକାର ଆଲୋକ ବିଷୋୟୀ, ଶରତ ବେହେରା, ବାସୁଦେବ ନାୟକ ଓ ବିଶ୍ୱନାଥ ଦଳେଇ ପରିଚାଳନା କରିଥିଲେ । ସେମାନେ ସଖୀ ନାଟ ଓ ଗାହଣର ବିଭିନ୍ନ ଦିଗ, ଅଭିନୟ ଶୈଳୀ, ସଙ୍ଗୀତ, ବେଶଭୂଷା ଓ ପାରମ୍ପରିକ ଉପସ୍ଥାପନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୪୦ରୁ ଅଧିକ କଳାକାର, ଛାତ୍ରଛାତ୍ରୀ ଓ ସଂସ୍କୃତିପ୍ରେମୀ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ଶାସ୍ତ୍ରୀୟ ନୃତ୍ୟଗୁରୁ ଶିବରାମ ବାରିକ ଓ ନୃତ୍ୟଶିଳ୍ପୀ ଗୁରୁ ଜୟନ୍ତ ଆଚାର୍ଯ୍ୟଙ୍କ ସମେତ ଅନେକ କଳାପ୍ରେମୀ ଏଥିରେ ସାମିଲ ହୋଇଥିଲେ । ସଖୀ ନାଟ ଓ ଗାହଣ ପରି ପାରମ୍ପରିକ ଲୋକନୃତ୍ୟ ଏବଂ ଲୋକ ସଂଗୀତକୁ ନୂତନ ପିଢ଼ି ପାଖରେ ପହଁଚାଇବା ଏବଂ ସେମାନଙ୍କୁ ଏହି କଳା ଶିଖିବା ଓ ଅଭ୍ୟାସ କରିବା ପାଇଁ ପ୍ରେରିତ କରିବାରେ ଏହି କର୍ମଶାଳା ସଫଳ ହୋଇଛି ବୋଲି ହୋଇଥିବା ଜିଲ୍ଲା ସଂସ୍କୃତି ଅଧିକାରିଣୀ ପ୍ରକାଶ କରିଛନ୍ତି ।

## ଏଚ୍‌ପିସିଏଲ୍ ର ୫୨ ତମ ପ୍ରତିଷ୍ଠା ଦିବସ ଅବସରରେ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାଲେଶ୍ୱର(ନିପ୍ର): ଏଚ୍‌ପିସିଏଲ୍ ର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ବାଲେଶ୍ୱର ସେରଗଡ଼ ସ୍ଥିତ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ପ୍ରସାଦ ସେବନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଚ୍‌ପିସିଏଲ୍ ର ଏରିଆ ସେଲସ୍ ମ୍ୟାନେଜର୍ ଆଦିତ୍ୟ କୁମାର ଗିରି, ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି, ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ମିଳିତ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ବିଶେଷ କରି ଯୁବପିଢ଼ୀ ମାନେ ଯୋଗଦେଇ ରକ୍ତଦାନ କରିବା ପାଇଁ ଶ୍ରୀ ଗିରି




ପ୍ରକାଶ କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ରକ୍ତଦାନ ଶିବିରରୁ ସଂଗୃହିତ ରକ୍ତ ଜିଲ୍ଲା ରକ୍ତ ଭଣ୍ଡାରରେ ଥିବା ରକ୍ତର ଅଭାବକୁ ପୂରଣ କରିବାରେ ବେଶ୍ ସହାୟକ ହୋଇ ପାରିବ । ଅନ୍ୟପଟେ ପ୍ରତିବର୍ଷ ଏଚ୍‌ପିସିଏଲ୍ ର ପ୍ରତିଷ୍ଠା ଦିବସ ଅବସରରେ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଡାକ୍ତର ଉପାଧ୍ୟାୟ ପ୍ରକାଶ କରିଥିଲେ । ଜରୁରୀ ସମୟରେ ରକ୍ତଦାନ ଦ୍ୱାରା ଜଣେ ବ୍ୟକ୍ତିର ଅମୂଲ୍ୟ ଜୀବନ ବଂଚି ପାରୁଛି । ତେଣୁ ଏହିଭଳି ଶିବିର ମାଧ୍ୟମରେ ରକ୍ତଦାନ ପାଇଁ ସବୁବର୍ଗର ଲୋକ ଆଗେଇ ଆସିବା ପାଇଁ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମହାନ୍ତି କହିଥିଲେ । ସେହିପରି ଆବଶ୍ୟକ ପରିମାଣରେ ପେଟ୍ରୋଲ୍, ଡିଜେଲ ସାଙ୍ଗକୁ ଇନ୍ଧନ ବ୍ୟବହାର କରିବା ସହ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ରକ୍ତଦାନ ଶିବିର ପରେ ବରୁଣସିଂ ପଂଚାୟତର ନୀଳଗିରି ରୋଡ୍ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା । ଏଚ୍‌ପିସିଏଲ୍ ର ଏରିଆ ସେଲସ୍ ମ୍ୟାନେଜର ଶ୍ରୀ ଗିରି ବୃକ୍ଷରୋପଣ କରିବା ସହ ଏହିଭଳି କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଚକୋଲେଟ୍ ବଂଟନ କରାଯାଇଥିଲା । ଶେଷରେ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ଶ୍ରୀଗିରି ଶୁଭାରମ୍ଭ କରିଥିଲେ । ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକ ପାଳିତ

ନୟାଗଡ଼(ନିପ୍ର): ସ୍ଥାନୀୟ ହାଉସିଂ ବୋର୍ଡ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଦୈନିକ ଖବର କାଗଜ ସମାଜ ତରଫରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଥିଲା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଂଜନ ପାଣ୍ଡେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ଼ ପଂଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ବିଦ୍ୟାଳୟର ସଂପାଦକ ସମାଜ ସେବୀ ଶ୍ରୀଧର ସାହୁ ଯୋଗଦେଇ ଥିଲେ । ନୟାଗଡ ସମାଜ ପ୍ରତିନିଧି ଶୁଭେନ୍ଦୁ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସର୍ବପ୍ରଥମେ ସକାଳ ୮ଟା ସମୟରେ ତିଳ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ତିଳତର୍ପଣ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଥିଲେ । ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବିରାଟ ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକ ବିଦ୍ୟାଳୟ ନିକଟରେ ଥିବା ପୁଷ୍କରିଣୀକୁ ଯାଇ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ସ୍ଥାପିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ଉପସ୍ଥିତ ସମସ୍ତ ଅତିଥି ମାନେ ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବିଦ୍ୟାଳୟ ପରିସରରେ ଗଛ ରୋପଣ କରିଥିଲେ । ଏହାପରେ ବିଶିଷ୍ଟ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ଗୋପବନ୍ଧୁ ଦାସ ହେଉଛନ୍ତି ସତ୍ୟ ଓ ସେବାର ପୂଜାରୀ ବୋଲି ମୁଖ୍ୟ ଅତିଥି କହିଥିଲା ବେଳେ ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ପାଣ୍ଡେ କହିଥିଲେ ଯେ, 'ମାନବ ସେବା ହିଁ ମାଧବ ସେବା' ଏହାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ବିଶିଷ୍ଟ ଗାନ୍ଧୀ ବାଦୀ ତଥା ଓଡିଶାର ଗାନ୍ଧୀ ସେବାର ପୂଜାରୀ ପଣ୍ଡିତ ଗୋପବନ୍ଧୁ ଦାସ । ଏହା ସହିତ ସମ୍ମାନିତ ଅତିଥି ମାନେ ଗୋପବନ୍ଧୁ ଦାସଙ୍କ ଆଦର୍ଶ ଜୀବନୀ ପ୍ରତ୍ୟେକ ଓଡିଆ ପାଠ କରିବା ପାଇଁ ପରାମର୍ଶ ଦେଇଥିଲେ । ସର୍ବପ୍ରଥମେ ବିଦ୍ୟାଳୟ ସଂପାଦକ ଶ୍ରୀଯୁକ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବିଦ୍ୟାଳୟର ସେବାବ୍ରତୀ ଆଚାର୍ଯ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଇଟି ମନ୍ଦିରରୁ ଚୋରି

ସିମୁଳିଆ(ନିପ୍ର): ସିମୁଳିଆରେ ଦିନକୁ ଦିନ ଚୋରୀ, ଡକାୟତି ବୃଦ୍ଧି ପାଉଛି, ମାତ୍ର ପୋଲିସ ପେଟ୍ରୋଲିଙ୍ଗ କରୁଛି ବୋଲି କହୁଛି, ହେଲେ ଦୁର୍ବୃତମାନେ ପୋଲିସର ଗତିବିଧିକୁ ଲକ୍ଷ କରି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମନ୍ଦିରକୁ ନିଶାନା କରି ମନ୍ଦିରରୁ ସୁନା ଅଳଙ୍କାର ଚୋରୀ କରିବାରେ ସଫଳ ହେଉଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ପଂଚାୟତର କୁପୁରା ଗ୍ରାମର ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ ମା ବୁଢ଼ୀ ବାସୁଳୀ ମନ୍ଦିର କବାଟ ଚାବି ଭାଙ୍ଗି ରୁପା ମୁକୁଟ, ସୁନା ଚିତା, ହୁଣ୍ଡି ବାକ୍ସ ଭଙ୍ଗା ଯାଇ ସେଥିରେ ଦାନ ଅର୍ଥ ନେଇ ଯାଇଛନ୍ତି । ସେହିପରି ସେହି ଗ୍ରାମର ଗ୍ରାମ ଦେବତୀ କୁପୁରାଶୁଣି ମନ୍ଦିରରୁ ମାଙ୍କର ରୁପା ମୁକୁଟ, ପିତଳ ଘଂଟି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଯାଇଛି ।


No. 19001/149/2627

**OFFICE OF THE PANCHAYAT SAMITI, TIRING**
**MAYURBHANJ**
**At/Po- Tiring, Dist- Mayurbhanj, 757053(Odisha)**
**TENDER CALL NOTICE**
**No. 1636 Dt. 13.07.2026**

Annexure - "A"

The Block Development Officer, Tiring on behalf of Government of Odisha invites sealed cover tender on Percentage (%) rate bid in single cover system for construction of works as detailed below in the table from Registered & Eligible Civil contractors of Odisha PWD (R&B)/ WR/ RWD/ NH/MI/CPWD for the following works in conformity with the detail tender call notice.

| Sl No | Name of the work | Amount put to the tender (in Rs) | EMD to be deposited (in Rs) | Cost of Tender Paper (in Rs) | Class of Contractors | Period of Completion |
|---|---|---|---|---|---|---|
| 1 | CONSTRUCTION OF ADDITIONAL CLASS ROOM (ACR) AT GOVT UGHS NARANPUR IN TIRING BLOCK. | 1518625.00 | 15186.00 | 6,000.00 | 6 months | 'C' & 'B'/ Equivalen |
| 2 | CONSTRUCTION OF INTEGRATED MATH WITH SCIENCE LAB AT RESIDENTIAL GOVT (SSD) GIRLS HS TIRING BLOCK | 1982309.00 | 19823.00 | 6,000.00 | 6 months | 'C' & 'B'/ Equivalen |
| 3 | CONSTRUCTION OF INTEGRATED MATH WITH SCIENCE LAB AT GOVT.UGHS ,LUPUNG TIRING BLOCK | 1982309.00 | 19823.00 | 6,000.00 | 6 months | 'C' & 'B'/ Equivalen |
| 4 | CONSTRUCTION OF ADDITIONAL CLASS ROOM (ACR) AT GOVT Pry. SCHOOL, JAMBANI IN TIRING BLOCK. | 15,53,390 | 15534.00 | 6,000.00 | 6 months | 'C' & 'B'/ Equivalen |

For detailed Term and conditions please visit our website www.mayurbhanj.nic.in

Sd/-
Block Development Officer,
Tiring

OIPR. 19001/19135/1/26-27/0001


## ଉତ୍କଳମଣିଙ୍କ ୯୮ତମ ଶ୍ରାଦ୍ଧୋତ୍ସବ 'ଭଲ କାମ ପାଇଁ ପଣ୍ଡିତେ କାଳଜୟୀ'

ନୀଳଗିରି(ନିପ୍ର): ନୀଳଗିରିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଛି । ଏହି ଉପଲକ୍ଷେ ମଙ୍ଗଳବାର ଦିନ ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଶଙ୍କରାଖୁଂଟା ପୋଖରୀ ପାର୍ଶ୍ୱରେ ଉତ୍କଳମଣିଙ୍କ ତିଳତର୍ପଣ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଫାଉଣ୍ଡେସନ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର, ୬ନଂ ୱାର୍ଡ଼ କାଉନସିଲର ପ୍ରତାପ ସେଠୀ, ସଦସ୍ୟ ଚିନ୍ମୟଶରଣ ରାଉତ, ନୀଳ ମାଧବ ଆଚାର୍ଯ୍ୟ, ଧବଳେଶ୍ୱର ନନ୍ଦ, ନିଗମ ରାଉତ, ମନୋରଞ୍ଜନ ବେହେରା, କମଳଲୋଚନ ମିଶ୍ର, ପରିସ୍ମିତା ଦାସ, ପାର୍ବତୀ ସେଠୀ, ପୂଜା ଜେନା, ସନ୍ତୋଷୀ କର ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ସେହିପରି କେସି ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଆୟୋଜିତ ଏକ ସଭାରେ ସାମ୍ବାଦିକ ଅତୁଲ ସ ପୌରୋହିତ୍ୟ କରିଥିବା ବେଳେ ଉତ୍କଳମଣି ତାଙ୍କ ଭଲ କାମ ପାଇଁ କାଳଜୟୀ ପାଲଟିଛନ୍ତି ବୋଲି ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କହିଥିଲେ । ସମ୍ମାନିତ ଅତିଥିଭାବେ ହାଇସ୍କୁଲ ଆଲୁମିନି କମିଟି ସଭାପତି ସୁରଞ୍ଜନ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ କୌଶିକ ଦାସ, ଶିକ୍ଷୟିତ୍ରୀ ରେଣୁବାଳା ନାୟକ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମେତ ସୁଶ୍ରୀ ଯୁବରାଣୀ ରାଉତ, ଝୁଲଣବାଳା ରଥ, ସଞ୍ଜୁକ୍ତା ସିଂ, ଗିରିବାଳା ଧଳ, ଦମୟନ୍ତୀ ନାୟକ, ସୁଚିସ୍ମିତା ଦାସ, ପ୍ରତିମା ବେହେରା, ଦେବସ୍ମିତା ସ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ବ୍ୟାଙ୍କର୍ସ ସଚେତନତା ବୈଠକ

ବ୍ରହ୍ମପୁର(ନପ୍ର): ନାବାର୍ଡର ୪୫ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନାବାର୍ଡ ଓଡ଼ିଶା ଆଂଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶ କ୍ରମେ ଆଜି ବ୍ରହ୍ମପୁର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଏକ ଗଞ୍ଜାମ ଜିଲ୍ଲା ସ୍ତରୀୟ ବ୍ୟାଙ୍କର୍ସ ସଚେତନତା ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକକୁ ନାବାର୍ଡର ଗଞ୍ଜାମ ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ( ଡିଡିଏମ) ଶ୍ରୀ ସଞ୍ଜୀବ ମିଶ୍ର ଆବାହନ ଏବଂ ସଂଯୋଜନା କରିଥିଲେ । ଏହି ବୈଠକରେ ଅନ୍ୟତମ ଅତିଥି ଭାବରେ ଶ୍ରୀ ଭରତ ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ରହ୍ମପୁର ସମବାୟ ବ୍ୟାଙ୍କ; ଶ୍ରୀ ଶିବରାମ ପାତ୍ର, ସଭାପତି, ବ୍ରହ୍ମପୁର ସମବାୟ ବ୍ୟାଙ୍କ; ଶ୍ରୀ



ହିମାଂଶୁ ସାହୁ, ଏଲଡିଏମ, ଗଞ୍ଜାମ; ଶ୍ରୀ ଲଳିତ କୁମାର ପଣ୍ଡା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ (ଡିଡିଏଚ), ଗଞ୍ଜାମ; ଶ୍ରୀ ଭରତ ଭୂଷଣ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ (ଡିଏଫଓ); ଡଃ ଅଞ୍ଜନ କୁମାର ଦାସ, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ (ସିଡ଼ିଭିଓ); ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ (ପିଡି), ଜଳଛତ୍ର, ଗଞ୍ଜାମ; ଶ୍ରୀ ହୃଷିକେଶ ବେହେରା, ଜିଏମ୍, ଡିଆଇସି, ଗଞ୍ଜାମ; ଶ୍ରୀ ହେମନ୍ତ ଦାସ, ଏଡିଓ, ବ୍ରହ୍ମପୁର; ଶ୍ରୀମତୀ ବାସନ୍ତୀ ଲତା ଶିଆଳ, ଇଇ, କୃଷି ଯନ୍ତ୍ରୀକରଣ, ଗଞ୍ଜାମ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସମସ୍ତ ପ୍ରମୁଖ ବାଣିଜ୍ୟିକ ବ୍ୟାଙ୍କର ଜିଲ୍ଲା ସମନ୍ୱୟକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବ୍ରହ୍ମପୁର ସମବାୟ ବ୍ୟାଙ୍କ ଏବଂ ଆସ୍କା ସମବାୟ ବ୍ୟାଙ୍କର ପ୍ରତିନିଧିଗଣ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ବିଭିନ୍ନ ବିଭାଗ ଦ୍ୱାରା ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରମୁଖ ଋଣ ସଂଯୁକ୍ତ ସବସିଡି ଯୋଜନା ଉପରେ ଏବଂ ଏହି ଯୋଜନାଗୁଡ଼ିକର ସର୍ବଶେଷ ବିକାଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମି ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ଓ ଉନ୍ନତି ନିମନ୍ତେ ନାବାର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ଉପରେ ନାବାର୍ଡର ଡିଡିଏମ ଶ୍ରୀ ମିଶ୍ର ଏକ ସଂକ୍ଷିପ୍ତ ଉପସ୍ଥାପନା ମଧ୍ୟ ବୈଠକରେ କରିଥିଲେ ।















# ରତ୍ନ ସିଂହାସନରୁ ଜନ୍ମବେଦୀ ଅଭିମୁଖେ କାଳିଆସାଆନ୍ତ

*ଭକ୍ତ ବତ୍ସଳ ଭଗବାନ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଳନ ପରିପ୍ରେକ୍ଷୀରେ ଭକ୍ତମାନେ ନାଚିଉଠନ୍ତି କେତେବେଳେ ତାଙ୍କ ନୟନ ପିତୁଳା ରତ୍ନ ସିଂହାସନରୁ ଓହ୍ଲାଇ ବଡ଼ଦାଣ୍ଡରେ ପହଂଚିବେ ଏବଂ ରଥାରୁଢ଼ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବା ସହ ଜନ୍ମ ବେଦୀ ଅଭିମୁଖେ ଗମନ କରିବେ । ନବଦିନ ବ୍ୟାପୀ ତାଙ୍କର ଯାତ୍ରାକୁ ମନଭରି ଭକ୍ତମାନେ ଉପଭୋଗ କରିବା ସହ ପତିତପାବନଙ୍କ ଆଶିଷ ଲାଭ କରିବେ ଏବଂ ପିତୃପୁରୁଷଙ୍କୁ ଅବଢ଼ା ଅନ୍ନ ମାଧ୍ୟମରେ ପିଣ୍ଡଦାନ କରି ସେମାନଙ୍କୁ ମୋକ୍ଷ ପ୍ରଦାନ କରିବା ହିଁ ଏହି ଯାତ୍ରାର ଏକ ମୁଖ୍ୟ ଆଭିମୁଖ୍ୟ ।*

ଚଳିତ ବର୍ଷ ରଥଯାତ୍ରା ଅବସରରେ ସବୁକିଛି ଯେପରି ବିଳମ୍ବିତ ହେବା ଯୋଗୁଁ କିଛିଟା ବିଭ୍ରାଟ ପରିଲକ୍ଷିତ ହୋଇଥିଲେ ମଧ୍ୟ ଯଥାରୀତି କାର୍ଯ୍ୟ ପରିଚାଳିତ ହୋଇଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜୟଜଗନ୍ନାଥ, ଶ୍ରୀଜଗନ୍ନାଥ, ହରିବୋଲ, ଶଂଖ, ହୁଳହୁଳି ନାଦରେ ପ୍ରକମ୍ପିତ ବଡ଼ଦାଣ୍ଡରେ ଘୋରଘୋର ନିନାଦରେ ଭକ୍ତଙ୍କ ରଥଟଣାରେ ଭଗବାନ ଚାଲିଛନ୍ତି ତାଙ୍କର ଜନ୍ମ ବେଦୀକୁ । ଯେତେବେଳେ ରତ୍ନସିଂହାସନରୁ ସେବାୟତ ମାନେ ଟାହିଆ ପିନ୍ଧାଇ ଓହ୍ଲାଇ ଆଣନ୍ତି ଏବଂ ଝୁଲି ଝୁଲି ହଲି ଦୋହଲି ରଥଆଡକୁ ଗମନ କରନ୍ତି ସେ ଦୃଶ୍ୟ ସତରେ ଅଭୁଲା, ଅପାସୋରା । ବିଶ୍ୱବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ପୋଡ଼ପିଠା ଖାଇବା ପାଇଁ ପୋଡ଼ପିଠା ଲାଳସା ତିନି ଭାଇ ଭଉଣୀଙ୍କୁ ଏପରି ମୋହିତ କରି ଦିଏ ଯେ ପ୍ରତିବର୍ଷ ସେ ଜନ୍ମବେଦୀକୁ ଆସି ଗୁଣ୍ଡିଚା ମାଉସୀଙ୍କ ପାଖରୁ ପୋଡ଼ପିଠା ଖାଇବାର ବିଧି ରହିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱରୁ ଛୁଟି ଆସନ୍ତି କୋଟି କୋଟି ଭକ୍ତ । ଭକ୍ତମୟ ହୋଇଉଠେ ପୁରୀ ଶ୍ରୀକ୍ଷେତ୍ର । ଶରଧାବାଲି ଯେପରି ଜନସମୁଦ୍ରରେ ଢ଼େଉ ଖେଳେ । ଆଡ଼ପ ମଣ୍ଡପରେ ଅବଢ଼ା ଭକ୍ତଙ୍କୁ ଆହୁରି ବିମୋହିତ କରିଦିଏ । ସାଆନ୍ତଙ୍କ ପ୍ରସାଦ ଟିକେ ପାଟିରେ ନ ଦେଲେ କିପରି ମୁକ୍ତି ମିଳିବ ଏ ସଂସାର ଭବନରୁ । ଶ୍ରୀ କ୍ଷେତ୍ର ହେଉଛି ମହାପ୍ରଭୁ ଶ୍ରୀ



ଜଗନ୍ନାଥଙ୍କ ଦିବ୍ୟ ଆସାବସ୍ଥଳ ମର୍ତ୍ତ୍ୟବୈକୁଣ୍ଠ । କେବଳ ଓଡ଼ିଆ ନୁହଁନ୍ତି ବିଶ୍ୱ ଦରବାରରୁ ଅଣଓଡ଼ିଆ ମାନେ ମଧ ପ୍ରଭୁଙ୍କୁ ଦେଖିବା ପାଇଁ ଆଗ୍ରହରେ ଧାଇଁ ଆସନ୍ତି ପୁରୀ ଧାମକୁ । ଦାରୁବ୍ରହ୍ମଙ୍କ ଦର୍ଶନ ନିମନ୍ତେ ଏପରି ଗଦଗଦ ହୋଇ ପଡନ୍ତି ଯେ ସତେ କି ଭଗବାନ ଯେପରି ସେହି କୋଟିଲାବଣ୍ୟନିଧି ପାଇବା ପାଇଁ ବ୍ୟାକୁଳିତ ହୋଇ ଧାଇଁ ଆସନ୍ତି ବଡ଼ଦାଣ୍ଡକୁ ରଥାରୁଢ଼ ହୋଇ ଦର୍ଶନ ଦେବାକୁ । ଚକାଆଖିରେ ଏପରି ଭକ୍ତମାନଙ୍କୁ ଟାଣି ନିଅନ୍ତି ଯେ ଭକ୍ତ ଭଗବାନ ଏକାକାର ହୋଇ ଯାଆନ୍ତି ଏକ ଭାବମୟ ପରିବେଶ ଏବଂ ଭାବଯୁକ୍ତ ଭକ୍ତ ଓ ଭଗବାନ ଏକାକାର । ଜଗତରେ ତାଙ୍କ ପରି କେହି ନାହାଁନ୍ତି ଯେ ବର୍ଷକରେ ଥରେ ଯେମିତି ହେଲେ ସେ ଶିକୁଳିଯୁକ୍ତ ହୋଇ ରହିଥିବା ରତ୍ନସିଂହାସନରୁ ମୁକ୍ତ ହୋଇ ଯେପରି ତାଙ୍କ ପ୍ରିୟ ଭକ୍ତ ସନ୍ତାନ ମାନଙ୍କୁ ଦେଖିବା ପାଇଁ, ତାଙ୍କ ବୁଝିବା ପାଇଁ ସଂସାର ହାନିଲାଭକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ସେ ଯେପରି ବ୍ୟାକୁଳି ହୋଇ ଧାଇଁ ଆସନ୍ତି । ଏହାହିଁ ତ ତାଙ୍କର ବଡ଼ପଣ । ହାତ ନାହିଁ, ପାଦ ନାହିଁ କିନ୍ତୁ ଆଖି ମାଧ୍ୟରେ ହିଁ ସେ ବିଶ୍ୱ ଜଗତକୁ ଏପରି ମୋହଗ୍ରସ୍ତ କରି ଦେଇଛନ୍ତି ଯେ ଚାରିଆଡ଼େ କେବଳ ଦେଖାଯାଏ ଶ୍ରୀଜଗନ୍ନାଥମୟ । ଆବାଳ ବୃଦ୍ଧ ବନିତା ତାଙ୍କର ନୟନକୁ ଦେଖି ପ୍ରେମାଭୁତ ହୋଇ ପଡ଼ନ୍ତି । ଚକାନୟନରେ କି ଯାଦୁ ରହିଛି କେଜାଣି ସେ ଯାଦୁର କିମିଆରେ ପାଗଳ କୋଟି ଭକ୍ତବୃନ୍ଦ । ରଥଯାତ୍ରା କେବଳ ପୁରୀରେ ଅନୁଷ୍ଠିତ ହୁଏ ତାହା ନୁହେଁ ସାରା ବିଶ୍ୱରେ ଏହି ଐତିହାସିକ ରଥଯାତ୍ରା ପାଳିତ ହୁଏ ବହୁ ଧୂମ୍‌ଧାମ୍ ଯାକଜମକ ମାଧ୍ୟମରେ । ପୁରୀ ବଡ଼ଦାଣ୍ଡ ଭକ୍ତମୟ ହୋଇଉଠେ । ଭକ୍ତମାନେ ଶରଧାବାଲିରେ ଆତ୍ମହରା ହୋଇ ଶରଧାରେଣୁରେ ଯେପରି ସ୍ନାନ କରିପକାନ୍ତି । ହାତ ଉଠାଇ ମାଉସୀ ମାଆ ମନ୍ଦିରକୁ ଚାହିଁ ଜଗନ୍ନାଥଙ୍କୁ ଦର୍ଶନ କରି ଗାଇ ଉଠନ୍ତି : *"ଜଗନ୍ନାଥ ହେ କିଛି ମାଗୁ ନାହିଁ ତୋତେ, ଜନମାଗୁ ନାହିଁ ଧନମାଗୁ ନାହିଁ, ମାଗୁଛି ଶରଧାବାଲିରୁ ହାତେ ।"*



# ଚାରିଗୋଟି ଗୁଣ୍ଡିଚା ଯାତ୍ରା

ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଅଟେ । ଏହିଦିନ ଚତୁର୍ଦ୍ଧାମୂର୍ତି ତିନିଗୋଟି ରଥରେ ବିରାଜମାନ କରି ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ଯାତ୍ରା କରନ୍ତି । କେବଳ ସେତିକି ନୁହେଁ, ଶ୍ରୀଗୁଣ୍ଡିଚାଙ୍କ ସହ ଜଗନ୍ନାଥ ସଂସ୍କୃତି ବା ଧର୍ମରେ ସୌର ଗୁଣ୍ଡିଚା, ଶୈବ ଗୁଣ୍ଡିଚା ଏବଂ ଶାକ୍ତଗୁଣ୍ଡିଚା ମଧ ପାଳିତ ହୁଏ । ବସନ୍ତ ମାଘ ସପ୍ତମୀ ଠାରୁ ବସନ୍ତ ପଂଚମୀ ପର୍ଯ୍ୟନ୍ତ ସୂର୍ଯ୍ୟନାରାୟଣଙ୍କ ରଥଯାତ୍ରାକୁ ସୌରଗୁଣ୍ଡିଚା, ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଅନୁଷ୍ଠିତ ଈଶାନେଶ୍ୱର ମହାଦେବଙ୍କ ରଥଯାତ୍ରାକୁ ଶୈବଗୁଣ୍ଡିଚା, ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ଦୁର୍ଗାମାଧବଙ୍କ ରଥଯାତ୍ରାକୁ ଶାକ୍ତ ଗୁଣ୍ଡିଚା କୁହାଯାଉଥିବା ବେଳେ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ନଅଦିନ ବ୍ୟାପୀ ରଥଯାତ୍ରା ଶ୍ରୀଗୁଣ୍ଡିଚା ନାମରେ ଅଭିହିତ । ଏହି ଚାରିଗୋଟି ଗୁଣ୍ଡିଚା ମଧ୍ୟରେ ଶ୍ରୀଗୁଣ୍ଡିଚା ସର୍ବଶ୍ରେଷ୍ଠ ଏବଂ ବିଶ୍ୱବିଖ୍ୟାତ । ଏହି ଶ୍ରୀଗୁଣ୍ଡିଚା ଯାତ୍ରାକୁ କେହି କେହି ଘୋଷଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ନବଦିନ ଯାତ୍ରା ଓ ଆଡ଼ପ ଯାତ୍ରା ମଧ କହିଥାନ୍ତି । ଏହି ରଥାରୂଢ଼ ଜଗନ୍ନାଥଙ୍କ ଦର୍ଶନ କଲେ ମନୁଷ୍ୟ ଜନ୍ମ ସାର୍ଥକ ହୁଏ ବୋଲି ବିଶ୍ୱାସ ଅଛି । ଏହି ରଥଯାତ୍ରାକୁ ତିନିଭାଗରେ ବିଭକ୍ତ କରାଯାଇପାରେ । ରଥାରୋହଣ ପୂର୍ବକ ଗୁଣ୍ଡିଚା ମନ୍ଦିରକୁ ବିଜେ, ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ଓ ଫେରନ୍ତି ଯାତ୍ରା ବା ବାହୁଡ଼ା ଯାତ୍ରା ।

# ନବଦିନାତ୍ମକ ରଥଯାତ୍ରା

◆ ଉଦୟ କୁମାର ଦାସ

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହ ନଅ ଦିନ ପାଇଁ ମାଉସୀ ଘରକୁ ବାହାରନ୍ତି । ସେ ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଭକ୍ତଙ୍କ ଭିଡ଼ରେ ସମ୍ମିଳିତ ହୁଅନ୍ତି । ପ୍ରଭୁ ବଡ଼ଦାଣ୍ଡରେ ପହଂଚିଲା ମାତ୍ରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭକ୍ତ ତାଙ୍କ କୃପା ଲାଭ କରିବାର ସୁଯୋଗ ପାଇଥାନ୍ତି । ଶ୍ରୀଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ୯ଦିନ ଧରି ଚାଲୁଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି ମଧ କୁହାଯାଏ । ରଥଯାତ୍ରା ଅବସରରେ ତିନିଦିଅଁ ସେମାନଙ୍କ (ଶ୍ରୀଜଗନ୍ନାଥ ଙ୍କ ରଥ, ଉଚ୍ଚତା ୧୩.୫ ମିଟର, ଏହାର ରକ୍ଷକ ଗରୁଡ଼ ଓ ରଥ ଉପରେ ତ୍ରୈଲୋକ୍ୟମୋହିନୀଙ୍କ ବାନା ଲାଗିଥାଏ), ତାଳଧ୍ୱଜ (ପ୍ରଭୁ ବଳଦେବଙ୍କ ରଥ, ଉଚ୍ଚତା ୧୩.୨ ମିଟର, ଏହାର ରକ୍ଷକ ବସୁଦେବ ଓ ରଥ ଉପରେ ଉନ୍ନାନୀଙ୍କ ବାନା ଲାଗିଥାଏ) ଏବଂ ଦର୍ପଦଳନ ଅଥବା ପଦ୍ମଧ୍ୱଜ (ଦେବୀ ସୁଭଦ୍ରାଙ୍କ ରଥ, ଉଚ୍ଚତା ୧୨.୯ ମିଟର, ରକ୍ଷକ ଅର୍ଜୁନ ଓ ରଥ ଉପରେ ନାଦମ୍ବିକାଙ୍କ ବାନା ଲାଗିଥାଏ)ରେ ଚଢ଼ି ବଡ଼ଦାଣ୍ଡରେ ଯାତ୍ରା କରିଥାନ୍ତି । ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା ପରେ ସେମାନଙ୍କୁ ଆଡ଼ପ ମଣ୍ଡପରେ ଅବସ୍ଥାପନ କରାଯାଇଥାଏ । ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କାଳରେ



ଗୁଣ୍ଡିଚା ରୋଷଶାଳାରେ ପ୍ରସ୍ତୁତ ମହାପ୍ରସାଦ ଭକ୍ତମାନଙ୍କୁ ମିଳିଥାଏ । ଶ୍ରୀମନ୍ଦିର ଭିତରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ଲାଗି କେବଳ ହିନ୍ଦୁ ମାନଙ୍କୁ ଅନୁମତି ମିଳିଥାଏ । ଅନ୍ୟ ସମ୍ପ୍ରଦାୟର ଲୋକମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରିନଥାନ୍ତି । ଏହି କାରଣରୁ ଭଗବାନ ଜଗନ୍ନାଥ ନିଜ ସବୁ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ରଥଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇଥାନ୍ତି । ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ରେ ସମ୍ମିଳିତ ହୋଇ ପହଣ୍ଡି ବିଜେ କରି ପ୍ରଭୁ ରଥ ଚଢ଼ି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ଶ୍ରୀଗୁଣ୍ଡିଚା ଘରେ ତାଙ୍କର ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ । ରଥାରୂଢ଼ ହେବା ପୂର୍ବରୁ ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇ ଥାଏ । ଏହି ପରମ୍ପରା ଅତି ପ୍ରାଚୀନ । ଶ୍ରୀଜିଉ ମାନେ ପାହୁଣ୍ଡ ପାହୁଣ୍ଡ ହୋଇ ଚାଲୁଥିବାରୁ ଏହାର ନାମ ପହଣ୍ଡି ବିଜେ ଦିଆଯାଇଛି ବୋଲି ଜଣାଯାଏ । ରଥରେ ଗଜପତି ମହାରାଜା ଛେରାପହଁରା କରିବା ହେଉଛି ରଥଯାତ୍ରାର ଅନ୍ୟତମ ଆକର୍ଷଣୀୟ ତଥା ଶ୍ରେଷ୍ଠ ପରମ୍ପରା । ଏହାପରେ ରଥ ଟଣା ଆରମ୍ଭ ହୋଇଥାଏ । ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ତଥା ଦାୟିତ୍ୱ ରହିଥାଏ । ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଠାକୁରମାନଙ୍କର ମଙ୍ଗଳ ଆଳତୀ, ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଇତ୍ୟାଦି ନୀତି ଉକ୍ତ ଦିନର ପାଳିଆ ସେବକଙ୍କ ଦ୍ୱାରା ସମାପିତ ହୋଇଥାଏ । ଏହାପରେ ଏକାଠି ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ ଏବଂ ଅନ୍ୟାନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥାଏ । ତତ୍ପରେ ଠାକୁରମାନଙ୍କ ମନୋମୁଗ୍ଧକର ପହଣ୍ଡି ନୀତି ଅନୁଷ୍ଠିତ ହେବା ପୂର୍ବରୁ ବିଜେ କାହାଳୀ ବାଜି ମଙ୍ଗଳାର୍ପଣ ନୀତି ବଢ଼ିଥାଏ ।

*ବି/୨୮, କାଠଯୋଡ଼ି ଏନକ୍ଲେଭ,*
*ସେକ୍ଟର-୯, ସିଡିଏ, କଟକ:*
*୯୯୩୭୦୫୨୬୬୩*

# ଆସିଛି ଗୁଣ୍ଡିଚା ଯାତ

◆ ରାମଚନ୍ଦ୍ର ବେହେରା

] ଆସିଛି ପବିତ୍ର ଗୁଣ୍ଡିଚା ଯାତରା
] ଶ୍ରୀକ୍ଷେତ୍ରେ ଗଡିବ ରଥ
] ଆଗେ ବଳରାମ ମଝିରେ ସୁଭଦ୍ରା
] ପଛେ ଥିବେ ଜଗନ୍ନାଥ ।
] ତାଳଧ୍ୱଜ ରଥେ ଥିବେ ବଳରାମ
] ସୁଭଦ୍ରା ଦେବଦଳନେ
] ନନ୍ଦିଘୋଷ ପରେ ଥିବେ କଳାଦିଅଁ
] ସହସ୍ର ଭକ୍ତ ଗହଣେ ।
] ଘଂଟ ତୂରୀ ଭେରୀ ମୃଦଂଗ କାହାଳୀ
] ବାଜୁଥିବ ଉଚ୍ଚ ସ୍ୱନେ
] ତିନି ଦିଅଁଙ୍କର ରଥ ଗଡୁଥିବ
] ଭକ୍ତି ଜାଗୁଥିବ ପ୍ରାଣେ ।
] ବଡଦାଣ୍ଡ ଧୂଳି ମଥାରେ ଲଗାଇ
] ଶ୍ରଦ୍ଧାଳୁ ଟାଣିବେ ରଥ
] ରଥ ପରେ ବସି କାଳିଆ ସାଆନ୍ତ
] ଢାଳୁଥିବେ ଆଶୀର୍ବାଦ ।
] ଶଂଖ ହୁଳହୁଳି ହରିବୋଲ ଧ୍ୱନି
] ଶୁଭୁଥିବ ଚଉଦିଶେ
] ମହା ଆଡମ୍ବରେ ରଥ ପହଂଚିବ
] ଗୁଣ୍ଡିଚା ମନ୍ଦିର ପାଶେ ।
] ଶ୍ରୀମନ୍ଦିର ଛାଡି ନଅ ଦିନ ପ୍ରଭୁ
] ରହିବେ ମାଉସୀ ଘରେ
] ମାଉସୀଂକ ହାତ ପୋଡପିଠା ପ୍ରଭୁ
] ଖାଇବେ ଅତି ଶ୍ରଦ୍ଧାରେ ।
] ସବୁ ଯାତ ଠାରୁ ରଥ ଯାତ ସାର
] ପୁରାଣେ ଅଛି ବିଦିତ
] ଶଂଖକ୍ଷେତ୍ର ସହ ସମଗ୍ର ବିଶ୍ୱରେ
] ଏ ଯାତ ହୁଏ ପାଳିତ ।
] ........................!!!!!!!!.................
] ତେନ୍ତୁଳିପଦା,ଜଗତସିଂହପୁର,] ମୋ-୭୩୫୫୬୩୪୩୪୬



# ରଥଯାତ୍ରା, ଜଗନ୍ନାଥ ଦର୍ଶନ ଓ ଦର୍ଶନୀ ବନ୍ତ

◆ ଜ୍ଞାନ ରଞ୍ଜନ ବିଶ୍ୱାଳ

ପୁରୀ ଜିଲ୍ଲାର ଅର୍କକ୍ଷେତ୍ର କୋଣାର୍କ ନିକଟରେ ଗୋଧନପଡ଼ା ନାମକ ଏକ ଗ୍ରାମ ଅବସ୍ଥିତ । ଏହା କେବଳ ମହାରଣା ସମ୍ପ୍ରଦାୟର ଗାଁ ଭାବେ ପରିଚିତ । ଏହି ଗ୍ରାମରେ ଏକ ବିଶାଳ ସୁଦୀର୍ଘ ବାଲିଦୁର୍ଗ ରହିଅଛି । ଯାହାର ନାମ ଦର୍ଶନୀବନ୍ତ ଭାବେ ପ୍ରସିଦ୍ଧ । ଏହି ଦର୍ଶନୀବନ୍ତ ଏକ ଐତିହାସିକ ସ୍ଥାନ ଅଟେ । ଏହାର ନାମ କରଣ ଏକ ଖାସ କାରଣରୁ ହୋଇଛି । [redacted]

ଶାସନରେ ସୁରକ୍ଷା କବଚ ଭାବେ ପରିଚିତ ବିଭିନ୍ନ ଦୁର୍ଗ ପରି ଏହି ବାଲି ଦୁର୍ଗରେ ୩୦୦ ମହାରଣା ପରିବାର ରାଜା ନରସିଂହ ଦେବଙ୍କ ହେପାଜତରେ ରହୁଥିଲେ । ଏହା ଗୋଲରା ଗଡ଼ ସାମନ୍ତ ରାଜାଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ପୁରୀରେ ଗଜପତି ମହାରାଜାଙ୍କ ଶାସନ ସମୟରେ ତାଙ୍କ ପ୍ରଦେଶର ବିଭିନ୍ନ ଗଡ ମାନଙ୍କରେ ସାମନ୍ତ ରାଜା ମାନଙ୍କୁ ନିୟୋଜିତ କରିଥିଲେ । ଗଡ ମଧ୍ୟରେ କୋଣାର୍କ ନିକଟ ଗୋଲରାଗଡ ଅନ୍ୟତମ । ଗୋଲରାଗଡରେ ସାମନ୍ତ ରାଜା




ରାଜୁତି କରୁଥିଲେ । ଏବେ ମଧ ତାଙ୍କ ବଂଶଧର ଏଠାରେ ବସବାସ କରୁଛନ୍ତି । ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣରେ ସେମାନଙ୍କ ନିଷ୍ଠାପର ଓ ଅତୁଳନୀୟ ଅବଦାନ ଅନେକ ଗୁରୁତ୍ୱ ବହନ କରିଥିବା ଐତିହାସିକ ମାନେ ମତ ଦିଅନ୍ତି । ପ୍ରତି ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ସାମନ୍ତ ରାଜା ଘୋଡ଼ା ସାହାର୍ଯ୍ୟରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଅନେକ ଭୋଗ ଭାର ଆଦି ନେଇ ଯାଇଥାନ୍ତି । କୌଣସି ଏକ ବର୍ଷ ବାହୁଡା ରଥଯାତ୍ରା ଦେଖିବାକୁ ଗୋଲରାଗଡରୁ ନିଜର ସୈନ୍ୟ ସାମନ୍ତ ସହ ଘୋଡ଼ା ସାହାର୍ଯ୍ୟରେ ପୁରୀ ଯିବା ସମୟରେ ଗୋଧନପଡା ବାଲି ଦୁର୍ଗ ନିକଟରେ ଝଡ ତୋଫାନ ଓ ବର୍ଷା ଆରମ୍ଭ ହୋଇଗଲା । ଯାହାଦ୍ୱାରା ରାଜା ପୁରୀ ବାହୁଡ଼ା ଯାତ୍ରା ଦେଖିବା ଅସମ୍ଭବ ହେଲା । ସେ ସେଠାରୁ ଦଳବଳ ଧରି ଗୋଲରା ଫେରିଗଲେ । ରାତିସାରା ନିର୍ଜଳ ଉପବାସ ରହି ଜଗନ୍ନାଥଙ୍କୁ ଧ୍ୟାନ କରି ଶୋଇ ପଡିଲେ । ରାତିରେ ତାଙ୍କୁ ଭଗବାନ ଶ୍ରୀ ଜଗନ୍ନାଥଙ୍କର ସ୍ୱପ୍ନାଦେଶ ହେଲା । ତୁମେ ଯାଉଥିବା ବାଟରେ ଯେଉଁଠି ଏକ ଶୈବ ମନ୍ଦିର ଅଛି । ଯାହା ମୁକ୍ତେଶ୍ୱର ମହାଦେବ ନାମରେ ପୂଜା ପାଉଥିଲେ । ସେଠାରେ ଏକ ବାଘଡିଆଁ ପୋଖରୀ ଓ ଏକ ବାଲିକୁଦ ଅଛି । ସେହି କୁଦ ଉପରୁ ତୁମେ ମୋର ନୀଳଚକ୍ରକୁ ଦର୍ଶନ କରି ମୋତେ ଦର୍ଶନ କରିବା ସହ ସୌଭାଗ୍ୟ ଅର୍ଜନ କରିପାରିବ । ତା ପରଦିନ ଅର୍ଥାତ୍ ସୁନାବେଶ ଦିନ ରାଜା ଉକ୍ତ କୁଦକୁ ଯାଇ ଜଗନ୍ନାଥଙ୍କ ଶ୍ରୀମନ୍ଦିର ନୀଳଚକ୍ର ଦର୍ଶନ କରି ବିଭୋର ହୋଇ ଯାଇଥିଲେ । ପରେ ପୂଜାର୍ଚ୍ଚନା ଓ ଭୋଗ କରି ଜଗନ୍ନାଥଙ୍କ ଆଶୀର୍ବାଦ କୃପା ଲାଭ କଲେ । ଉକ୍ତ ଦିନଠାରୁ ସେହି ବାଲିକୁଦ ଦର୍ଶନୀବନ୍ତ ଭାବେ ପ୍ରଖ୍ୟାତ । ପ୍ରତିବର୍ଷ ବାହୁଡ଼ା ଏକାଦଶୀ ଓ ସୁନାବେଶ ଦିନ ଏହି ବନ୍ତ ଉପରେ ନିକଟ ଅଂଚଳର ସମସ୍ତ ପରିବାର ଭୋଗ କରିବା ସହିତ ନଡ଼ିଆ ବାଡେଇ ଥାଆନ୍ତି । ଯାହା ଅମୁଣିହା ଭୋଗ ଭାବେ ବେଶ୍ ଜଣାଶୁଣା । ଏବେ ମଧ ପ୍ରତିବର୍ଷ ଏହି ପ୍ରଥା ଚାଲିଆସୁଅଛି । ପୂର୍ବରୁ ଏହି ବନ୍ତ ରାଜା ମାନଙ୍କ ବାଲି ଦୁର୍ଗ ଭାବେ ପରିଚିତ ଥିଲା । ଏହି ବନ୍ତରୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ କୋଣାଦିତ୍ୟ ମହାପ୍ରଭୁଙ୍କ ଦର୍ଶନ ସହିତ ଏହିଠାରୁ ନୀଳଚକ୍ର ଦର୍ଶନ କରି ପାରୁଥିଲେ । କାଳକ୍ରମେ ସମୁଦ୍ର କୂଳରୁ ପବନର ପ୍ରଖର ବେଗ ଓ ଝଡ ତୋଫାନ ବରଷା ଆଦି କାରଣ ସହିତ ବୃକ୍ଷ ଲତା ବଢିବା ଫଳରେ ଶ୍ରୀମନ୍ଦିର ନୀଳଚକ୍ର ଦେଖିବାକୁ ମିଳୁ ନଥିଲା । ପରବର୍ତ୍ତୀ ସମୟରେ ୧୯୯୯ ମହାବାତ୍ୟା ପରେ ବୃକ୍ଷଲତା ଧ୍ୱଂସ ହେବା ପରେ ପୁଣି ଅର୍କକ୍ଷେତ୍ର ସୂର୍ଯ୍ୟ ମନ୍ଦିର ସହ ଶ୍ରୀମନ୍ଦିର ନୀଳଚକ୍ର ଦର୍ଶନ ମିଳି ପାରୁଥିଲା । ଏବେ ପୁଣି ବାଲି ଦୁର୍ଗର ଅବକ୍ଷୟ ଓ ବୃକ୍ଷ ଲତା ପୂର୍ଣ୍ଣ ଯୋଗୁଁ ଶ୍ରୀମନ୍ଦିର ଦୃଶ୍ୟ ହେଉନାହିଁ । କିନ୍ତୁ ସେଠାରୁ ରହି ପ୍ରଭୂ ଜଗନ୍ନାଥଙ୍କୁ ପ୍ରଣାମ କଲେ ପ୍ରଭୂ ଶୁଣନ୍ତି ବୋଲି ଭକ୍ତଙ୍କ ମନରେ ଅଗାଢ ବିଶ୍ୱାସ ରହିଛି । ବର୍ତ୍ତମାନ ଦର୍ଶନୀବନ୍ତ ରେ ଶ୍ରୀ ଶ୍ରୀ ଜଗନ୍ନାଥ କଲକୀ ଯୋଗାଶ୍ରମ ନାମରେ ଏକ ଆଶ୍ରମ ଅବସ୍ଥିତ । ଯାହା ବାନା ବାବାଙ୍କ ତତ୍ତ୍ୱାବଧାନରେ ରହିଅଛି । ଏହା ଏକ ଐତିହାସିକ ଓ ଦର୍ଶନୀୟ ସ୍ଥାନ ଭାବରେ ବେଶ ଖ୍ୟାତି ଅର୍ଜନ କରିଛି । ପ୍ରତିବର୍ଷ ଏହି ଦର୍ଶନୀ ବନ୍ତରେ ଆଶ୍ରମ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ, ନବଦିନ ବ୍ୟାପୀ ହରିନାମ, ଶିବ ନାମ ଓ ଅନେକ ପୂଜା ପର୍ବାଣୀ ପାଳିତ ହୋଇ ଆସୁଛି । ଏବେ ବିଭିନ୍ନ ସମୟରେ ଶହ ଶହ ଶ୍ରଦ୍ଧାଳୁ ମାନେ ଦର୍ଶନୀ ବନ୍ତ ଓ ଆଶ୍ରମ ବୁଲି ଆସନ୍ତି ।

*ସାମ୍ବାଦିକ, ଜମରା, କୋଣାର୍କ- ମୋ- ୭୦୦୮୮୫୧୧୮୮*

# ଜଳେଶ୍ୱର ପୌରପାଳିକାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଜଳେଶ୍ୱର(ନିପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପୌରପାଳିକା ଅଧକ୍ଷ ପ୍ରତିପ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀହେମନ୍ତ କୁମାର ସିଂ, ଉପାଦକ୍ଷା ପୁଷ୍ପ ପ୍ରିୟା କାମିଲା, ପୌରପାଳିକର କାଉନସିଲର, ସହକାରୀ ଯନ୍ତ୍ରୀ ସୁଶୀଲ ମୁର୍ମୁ, ସାମାଜିକ ସୁରକ୍ଷା ରକ୍ଷା ବିଭାଗର ଅଧିକାରୀକିଶୋର ଚମ୍ପତି, ବିକାଶ ସାମନ୍ତ ରାୟ, ସି ଇ ଓ ଜ୍ୟୋସ୍ନା ରାଣୀ ପତି କାର୍ଯ୍ୟ ପରିଚାଳନା କରିବା ସହିତ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା । ସମସ୍ତ ପୌରପାଳିକର ଅଙ୍ଗନବାଡ଼ି, ଆଶାକର୍ମୀ, ଉପସ୍ଥିତ ରହି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ ।ଏହି ଶିବିରରେ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୫୭ ଦୃଷ୍ଟିବାଧୂତ ବିଭାଗପକ୍ଷରୁ ୧୯ ମାନସିକ ଅଗ୍ରସର ପକ୍ଷରୁ ୧୪ ଜଣ ମେଡ଼ିସିନ ବିଭାଗର ୮ ଜଣ ମୋଟ ୯୮ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରାଇ ଥିଲେ ।

# ଲାଂଚ ନେଉଥିବାବେଳେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ

କଟକ(ନିପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ତହସିଲ ଅନ୍ତର୍ଗତ ସିରିଝୁଲି ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ସୁଶାନ୍ତ ମଲ୍ଲିକଙ୍କୁ ଏକ ମ୍ୟୁଟେସନ୍ ମାମଲାରେ ଅନୁକୂଳ ତଦନ୍ତ ରିପୋର୍ଟ ଦାଖଲ କରିବା ଏବଂ ତାଙ୍କ ପୈତୃକ ଜମିର ଆର୍ ଓ ଆର୍ (ଭୂମି ପଟ୍ଟା) ତାଙ୍କ ସପକ୍ଷରେ ପ୍ରଦାନ କରିବା ପାଇଁ ଜଣେ ଆବେଦନକାରୀଙ୍କଠାରୁ ଟ.୨୫,୦୦୦ଙ୍କା (ପଚିଶ ହଜାର ଟଙ୍କା) ଦାବି କରିବା ଏବଂ ଅନୁଚିତ ଲାଂଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଆବେଦନକାରୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ବିଭାଗର ନିୟମ ଅନୁଯାୟୀ ଅନଲାଇନରେ ଆବେଦନ କରିଥିଲେ ଏବଂ ଆବଶ୍ୟକୀୟ ଫିସ୍ ଜମା କରିଥିଲେ । କିନ୍ତୁ, ଅଭିଯୁକ୍ତ ଆର୍ ଆଇ ଶ୍ରୀ ମଲ୍ଲିକ କୌଣସି କାରଣ ବିନା ପ୍ରକ୍ରିୟାରେ ବିଳମ୍ବ କରୁଥିଲେ । ଏହା ବଦଳରେ, ଅଭିଯୁକ୍ତ ଆର୍ ଆଇ ଶ୍ରୀ ମଲ୍ଲିକ ଆବେଦନକାରୀଙ୍କ ଠାରୁ ୨୫,୦୦୦/- ଟଙ୍କା ଲାଂଚ ଦାବି କରିଥିଲେ । ଏହା ଶ୍ରୀ ମଲ୍ଲିକଙ୍କ ଦ୍ୱାରା ହଇରାଣ ଅଭିଯୋଗ କରି ଅଭିଯୋଗକାରୀଙ୍କୁ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ପ୍ରଲୋଭିତ କରିଥିଲା । ଉପରୋକ୍ତ ଅଭିଯୋଗ ଆଧାରରେ, ୧୫.୦୭.୨୦୨୬ ରେ ଏକ ଜାଲ ବିଛାଯାଇଥିଲା, ଯେଉଁଥିରେ ଅଭିଯୁକ୍ତ ସୁଶାନ୍ତ ମଲ୍ଲିକ, ଆରଆଇଙ୍କୁ ଓଡ଼ିଶା ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟ ରୁମରୁ ଜଣେ ଆବେଦନକାରୀଙ୍କଠାରୁ ୨୫,୦୦୦/- (ପଚିଶ ହଜାର ଟଙ୍କା) ଅନୁଚିତ ଲାଭ (ଲାଂଚ) ଦାବି କରିବା ଏବଂ ନେବା ଅଭିଯୋଗରେ ଗିରଫ କରିଥିଲା । ସାକ୍ଷୀମାନଙ୍କ ଉପସ୍ଥିତିରେ ଶ୍ରୀ ମଲ୍ଲିକଙ୍କ କବଜାରୁ ସମସ୍ତ ଲାଂଚ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଥିଲା । ଶ୍ରୀ ମଲ୍ଲିକଙ୍କ ଡାହାଣ ହାତ ଧୋଇବା ଏବଂ ପ୍ୟାଂଟ ପକେଟ ଧୋଇବା ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ଦେଇଥିଲା, ଯାହା ତାଙ୍କ ଦ୍ୱାରା ଲାଂଚ ଟଙ୍କା ନେବା ଏବଂ ବ୍ୟବହାର କରିବା ନିଶ୍ଚିତ କରିଥିଲା । ଶ୍ରୀ ମଲ୍ଲିକଙ୍କ ଗୁଣୁପୁରର ଶ୍ରୀନଗର ଲେନ୍-୩ ସ୍ଥିତ ଭଡା ଘର ଏବଂ ତାଙ୍କ କାର୍ଯ୍ୟାଳୟ ରୁମରେ ଏକକାଳୀନ ତଲାସ ଆରମ୍ଭ କରାଯାଇଛି । ଅଭିଯୁକ୍ତ ସୁଶାନ୍ତ ମଲ୍ଲିକ, ଆରଆଇ, ସିରିଝୁଲି ସର୍କଲ, ଗୁଣୁପୁର ତହସିଲ, ଜିଲ୍ଲା-ରାୟଗଡ଼ା ଅନ୍ତର୍ଗତ ଗିରଫ କରାଯାଇଛି ଏବଂ ତାଙ୍କୁ କୋର୍ଟକୁ ପଠାଯିବ । ଏହି ସମ୍ପର୍କରେ, କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନଂ.୧୬ ତାରିଖ ୧୪.୦୭.୨୦୨୬ ୭ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜିକୃତ ହୋଇଛି ଏବଂ ଏହାର ତଦନ୍ତ ଚାଲିଛି ।

# ବ୍ଲକ ଚେୟାରମେନଙ୍କୁ ୬ ମାସ ଜେଲ୍ ସହ ୧୬ ଲକ୍ଷ ୫୦ହଜାର ଜରିମାନା

ଉଦଳା(ନିପ୍ର): ଉଦଳା ଏସଡିଜେମ କୋର୍ଟରେ ଏକ ଚେକ୍ ବାଉନ୍ସ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ଅଛନ୍ତି । ଘଟଣାରୁ ଜଣାପଡିଛି ଯେ, ବର୍ତମାନର ଉଦଳା ବ୍ଲକର ଚେୟାରମେନ ମଞ୍ଜୁଲତା ବିଶ୍ୱାଳ ସ୍ୱାମୀ ଶତ୍ରୁଘ୍ନ ବିଶ୍ୱାଳ, ଗ୍ରାମ -ଚୈତନଗଡି, କୁଟଲିଂ ଥାନା ଉଦଳାଙ୍କ ବିରୁଦ୍ଧରେ ଏକ ଚେକ୍ ବାଉନ୍ସ ମାମଲା କୋର୍ଟରେ ଚାଲି ଥିଲା । ଉଦଳା ବ୍ଲକର ଚେୟାରମେନ ଆଇସିଆଇସିଆଇ ବ୍ୟାଙ୍କ୍ ଉଦଳା ଶାଖା ତରଫରୁ ଯେଉଁ ଚେକ୍ ବହି ନେଇଥିଲେ ସେଥିରୁ ଚେକ୍ ନମ୍ବର ୦୦୦୦୯୦ ତା ୧୬/୪/୨୫ ରିଖ ଦିନ ଚେକ୍ ର ସାମ୍ନା ପଟରେ ନିଜସ୍ୱ ଦସ୍ତଖତ ମାରି ଦିବ୍ୟଜ୍ୟୋତି ଜେନାଙ୍କୁ ଦେଇ ଥିଲେ । ଉକ୍ତ ଚେକ୍ କୁ ଦିବ୍ୟଜ୍ୟୋତି ଜେନା ତାପରଦିନ ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କରେ ଟଂକା ଉଠାଇବା ପାଇଁ ଯାଇଥିଲେ ଏବଂ ବ୍ୟାଙ୍କରେ ଚେକ୍ କାଉଂଟରରେ ଦେବାପରେ ଜାଣିଲେ ସେ ଏକାଉଂଟକୁ ବନ୍ଦ କରାଯାଇଛି । ଏହା ଜାଣିବା ପରେ ଦିବ୍ୟଜ୍ୟୋତି ଜେନା କୋର୍ଟରେ ଏନ୍ ଆଇ ଏକ୍ଟ ରେ ମାମଲା ରୁଜୁ କରିଥିଲେ । ଏହି ୧୫ ଲକ୍ଷ ଟଙ୍କାର ଚେକ ବାଉନ୍ସ କେଶ ଉଦଳା ବ୍ଲକ ଚେୟାରମେନ ମଞ୍ଜୁଲତା ବିଶ୍ୱାଳ ବିରୁଦ୍ଧରେ ଚାଲିଥିଲା । ୩୦/୬/୨୬ ରିଖ ଦିନ ଚେକ୍ ବାଉନ୍ସ କେଶ ରେ ବର୍ତମାନର ଚେୟାରମେନ ମଞ୍ଜୁଲତା ବିଶ୍ୱାଳ ଦୋଷୀ ସାବ୍ୟସ୍ତ ବୋଲି ଉଦଳା ଏସଡିଜେମ କୋର୍ଟର ମାନ୍ୟବର ମାଜିଷ୍ଟ୍ରେଟ ଅନୁରାଗ ଦେହୁରୀ ଶୁଣାଣି କରିଥିଲେ ।

# ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ 'ରଥପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ଼(ନିପ୍ର): ନୟାଗଡ଼ ହାଉସିଂବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାଳୟର ସଂପାଦକ ସମାଜସେବୀ ଶ୍ରୀଧର ସାହୁଙ୍କ ଅଧକ୍ଷତାରେ ରଥପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଫାସି, ଅସନ, ଧଉରା ଗଛର ଅଭାବକୁ ନେଇ ସୃଷ୍ଟି ହେଉଥିବା ବିଭିନ୍ନ ବାଦବିବାଦରୁ ଦୂରେଇ ବିଦ୍ୟାଳୟର ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକ ମାନେ ନିଜ ନିଜ ଜମିବାଡିରେ ଫାସି ଗଛ ଲଗାଇ ତାକୁ ଯତ୍ନ ସହକାରେ ବଡକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ସମର୍ପଣ କରିବାକୁ ସଂକଳ୍ପ ନେଇଛନ୍ତି । ଏହି ଫାସି ଚାରା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇଥିଲା ବେଳେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଥିଲେ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା ଓ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ନୟାଗଡ଼ ବନଖଣ୍ଡ ରୁ ସରି ସରି ଯାଉଥିବା ବେଳେ ଏହି ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି ମୁଖ୍ୟ ଅତିଥି ଜିଲ୍ଲାପାଳ କହିଥିଲେ । ପରିବେଶ ସୁରକ୍ଷା ହେବ ତା ସହିତ ରଥ ପାଇଁ କାଠର ଅଭାବ ଦୂର ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସର୍ବ ପ୍ରଥମେ ବିଦ୍ୟାଳୟ ପରିସରରେ ଅତିଥି ମାନେ ଏକ ଫାସି ଚାରା ରୋପଣ କରିଥିଲେ । ତାହା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଳତୀ ସହିତ ଏକ ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମରେ ଚାଳିଶ ଜଣ ଜଗନ୍ନାଥ ପ୍ରେମୀ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକ ମାନଙ୍କୁ ଫାସି ଚାରା ବଂଟନ କରିଥିଲେ । ଅଭିଭାବକ ମାନେ ନିଜ ଜମିବାଡିରେ ଏହି ଚାରା ରୋପଣ କରି ପ୍ରତିଦିନ ସନ୍ଧ୍ୟାରେ ଧୂପ ଦୀପ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏହି ଗଛ ମାଧ୍ୟମରେ ଦର୍ଶନ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଯେଉଁ ମାନେ ଏହି କାର୍ଯ୍ୟକ୍ରମ ଜରିଆରେ ଚାରା ସଂଗ୍ରହ କଲେ ସେମାନେ ଏକ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରିଛନ୍ତି, ଯେଉଁ ଫର୍ମ ନୟାଗଡ଼ ବନଖଣ୍ଡ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ପ୍ରେରଣ କରାଯିବ ବୋଲି ସଂପାଦକ ଶ୍ରୀଯୁକ୍ତ ସାହୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଅନାଦି ଚରଣ ମହାନ୍ତି, ଭାରତ ବିକାଶ ପରିଷଦ ର ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ଉଦୟନାଥ ସାହୁ, ଶ୍ରୀକୁମର ରଥ, ସୂର୍ଯ୍ୟମଣି ସାହୁ ଯୋଗଦେଇ ଥିଲା ବେଳେ ସଂଗୀତ ଗୁରୁ ରଜନୀକାନ୍ତ ମହାପାତ୍ର, ରୋଟାରିଆନ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବିଦ୍ୟାଳୟର ଯୁଗ୍ମ ସଂପାଦକ ସନ୍ତୋଷ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀ ଓ ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ସୋର(ନିପ୍ର): ସୋର କଲେଜ ଛକ ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକ୍ ଆରୋହି ଗୁରୁତର ଆହତ ହୋଇ ସୋର ପରେ ବାଲେଶ୍ୱର ମେଡିକାଲ କୁ ସ୍ଥାନାନ୍ତରିତ ହୋଇଛନ୍ତି । ସୂଚନାଯୋଗ୍ୟ ସଂସଗ ଗ୍ରାମ ର ସୁବୋଧ ଖିଲାର ଙ୍କ ପୁଅ ଚିରଞ୍ଜିବୀ ଖିଲାର ୨୦ ନିଜ ବାଇକ୍ ରେ ପେଟ୍ରୋଲ ପକାଇବା ପାଇଁ କଲେଜ ନିକଟରେ ଥିବା ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ କୁ ଆସିଥିଲେ । ବାଇକ୍ ରେ ପେଟ୍ରୋଲ ପକାଇ ଘରକୁ ଫେରିବା ସମୟରେ ସୋର ରେ ରହୁଥିବା ଜିତେନ୍ଦ୍ର ଶର୍ମା ସୋର ଅଭିମୁଖେ ଆସୁଥିବା ସମୟରେ ସାମ୍ନା ଉଭୟ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଉଭୟ ବାଇକ୍ ଆରୋହି ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ପଠାଇଥିଲେ । ଡାକ୍ତରଖାନାରେ ଉଭୟଙ୍କ ସ୍ୱାସ୍ଥ୍ୟ ବସ୍ଥା ଗୁରୁତର ଥିବାରୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ



ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଅଧିକ ପ୍ରଭାବଶାଳୀ କରିବା ଏବଂ ଏଥିପାଇଁ ସମନ୍ୱିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଓ ଜିଲ୍ଲା ଟାସ୍କ ଫୋର୍ସର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ବାଲ୍ୟ ବିବାହ ନିରାକରଣ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ପ୍ରତିରୋଧମୂଳକ ପଦକ୍ଷେପ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲାରେ ବାଲ୍ୟ ବିବାହର ବର୍ତମାନ ସ୍ଥିତି, ଏହାର ପ୍ରମୁଖ କାରଣ, ବିପଦପୂର୍ଣ୍ଣ ଅଂଚଳ ଚିହ୍ନଟ, ଆଇନର କାର୍ଯ୍ୟକାରୀ ରୂପାୟନ, ସମୁଦାୟ ସ୍ତରରେ ସଚେତନତା ସୃଷ୍ଟି ଏବଂ ବିଭିନ୍ନ ବିଭାଗର ସମନ୍ୱିତ ଭୂମିକା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପାୱାର ପଏଂଟ ଉପସ୍ଥାପନା ମାଧ୍ୟମରେ ଜିଲ୍ଲାର ବାଲ୍ୟ ବିବାହ ସମ୍ବନ୍ଧୀୟ ପରିସଂଖ୍ୟାନ, ବର୍ତମାନର ସ୍ଥିତି ଏବଂ ଗ୍ରହଣ କରାଯାଇ ଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ୟୁନିସେଫର ପରାମର୍ଶଦାତା ଡଃ ନେହା ସିଂ ମଧ ପାୱାର ପଏଂଟ ମାଧ୍ୟମରେ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ପାଇଁ ପ୍ରସ୍ତୁତ କାର୍ଯ୍ୟଯୋଜନା ଉପସ୍ଥାପନ କରି ବିଭିନ୍ନ ବିଭାଗର ଭୂମିକା ଓ କାର୍ଯ୍ୟକାରୀ ରଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ବିଶ୍ୱନାଥ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଗୌତମ କିଷାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଆଶିଷ ବସନ୍ତିଆ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ବାରିପଦା ସହକାରୀ ଶ୍ରମ ଅଧିକାରିଣୀ ପାନମଣୀ ସୋରେନ, ସମେତ ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶକ୍ତି ସଦନ, ସଖୀ କେନ୍ଦ୍ର, ସାଧନା ଅନୁଷ୍ଠାନ ଓ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 08.07.2026, I, Sharasibala Pradhan, D/o- Raghunath Pradhan resident of Village- Gududa, Po- Digida, Ps- Sadar, Dist- Balasore, Pin-756027, Odisha declared that I have changed my name from Sarasibala Pradhan to Sharasibala Pradhan. Henceforth, I shall be known as Sharasibala Pradhan for all purposes.

Sd/-
**Sharasibala Pradhan**

**AFFIDAVIT**

By virtue of an Affidavit Sworn before Executive magistrate Balasore, dated 15.07.2026 I Sri. Hrusikesh Panigrahi aged 56 years S/o: Late-Kashinath Panigrahi resident of At-Angaragadia Ps- Industrial Area Post/Dist: Balasore, (Odisha), Pin-756001, having Aadhaar Card No- 6353 2197 0421 declare that my son namely Ayush Panigrahi's Class-12 CBSE Certificate father's name wrongly mentioned as Hrushikesh Panigrahi. However the correct spelling is Hrusikesh Panigrahi.

Sd/-
**Hrusikesh Panigrahi**

# ସିଭିଲ ସୋସାଇଟିର ବାର୍ଷିକ ଅଧିବେଶନ ଅନୁଷ୍ଠିତ

ବୈଶିଙ୍ଗା(ନପ୍ର): ବେତନଟୀର ଅଗ୍ରଗାମୀ ସମାଜସେବା ଅନୁଷ୍ଠାନ ସିଭିଲ ସୋସାଇଟି ୧୦ ବର୍ଷ ପୂରଣ ଅବକାଶରେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଭିନ୍ନ ଉନ୍ନୟନ ମୂଳକ ବିଗତ ଦିନର ଓ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ସହ ପ୍ରସ୍ତାବ ଗ୍ରହଣ କରାଯାଇଛି । ସ୍ଥାନୀୟ ରେଳ ଷ୍ଟେସନ ନିକଟରେ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ସଭାରେ ଅଧକ୍ଷତା କରିଥିଲେ । ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ପୂର୍ବବୈଠକର ବିବରଣୀ ପାଠ ଓ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ତନ୍ମଧ୍ୟରେ ଥାନା, ବ୍ଲକ୍, ତହସିଲ, ପୂର୍ତ ବିଭାଗ ଭଳି ବିଭିନ୍ନ ଦପ୍ତରରେ କାର୍ଯ୍ୟ ନିମନ୍ତେ ସବ୍-କମିଟି ମାନ ଗଠନ କରାଯାଇଥିଲା । ଆୟବ୍ୟୟ ସମୀକ୍ଷା ସହ ନୂତନ ସଦସ୍ୟଗଣଙ୍କୁ ସ୍ୱାଗତ କରାଯାଇଥିଲା । ଗତବର୍ଷ ଠାରୁ ଏ ଯାବତ୍ ନୂତନ ସଦସ୍ୟ, ସଦସ୍ୟାଗଣଙ୍କୁ ଥାନା ମାଧ୍ୟମରେ ପରିଚୟ ପତ୍ର ବଂଟନର ନିଷ୍ପତି ନିଆଗଲା । ଜନୈକ ଇନସୁରାନ୍ସ ଅଧିକାରୀ ସୁଧାଂଶୁ ଶେଖର ଜେନା ଓ ସୋନାଲୀ ଜେନା ସଭାରେ ଯୋଗ ଦେଇ ସମସ୍ତଙ୍କୁ ବିଭିନ୍ନ ବୀମା ଓ ଉପକାରୀତା ସମ୍ବନ୍ଧରେ ଉପସ୍ଥିତ ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ବର୍ଷାଦିନ ପୂର୍ବରୁ ବେତନଟୀ ରେ ଡ୍ରେନ ସଫା ନ ହେବା, ଗତ ଅପ୍ରେଲ ୨୪ ତାରିଖ ସଂଘର ଧାରଣା ସ୍ଥଳରେ ଉପସ୍ଥିତ ରହି ବେତନଟୀ ଥାନା ଅଧିକାରୀ ଓ ବିଡିଓଙ୍କ ଦ୍ୱାରା ପ୍ରଦତ ପ୍ରତିଶୃତି ସତ୍ତ୍ୱେ ଚଣ୍ଡୀ ଛକରେ ସିସିଟିଭି ନ ଲାଗିବା ଏବଂ ହାଇମାଷ୍ଟ ଲାଇଟ୍ ସଜଡା ଯାଇ ନ ଥିବାରୁ ଅଗଷ୍ଟ ୧୫ ତାରିଖ ପରେ ଆବଶ୍ୟକ ହେଲେ, ପୁନଃ ଆନ୍ଦୋଳନର ନିଷ୍ପତି ଗ୍ରହଣ କରାଯାଇଥିଲା । ସଭାପତିଙ୍କ ଦୀର୍ଘଦିନର ଅସୁସ୍ଥତା ନିମନ୍ତେ କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ଗୋସ୍ୱାମୀ ଏବେଠାରୁ ପୂର୍ଣ୍ଣକାଳୀନ ସଭାପତି ରୂପେ କାର୍ଯ୍ୟ କରିବାର ସର୍ବସମ୍ମତ ପ୍ରସ୍ତାବ ନିଆଗଲା । ପରିଚାଳନାରେ ହରେନ୍ଦ୍ରନାଥ ବାରିକ ଓ କମଳ ଲୋଚନ କର ସହଯୋଗ କରିଥିଲେ । ଆଲୋଚନାରେ ସମସ୍ତ ସଦସ୍ୟ ସକ୍ରିୟ ଓ ସ୍ୱାଧୀନ ମତବ୍ୟକ୍ତକୁ ଧନ୍ୟବାଦ ଜଣାଇ ସଭାଭଙ୍ଗ ହୋଇଥିଲା ।

# ବି ସିଂପୁର ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ବୋରିଗୁମ୍ମା ବ୍ଲକ ବି ସିଂପୁର ଥାନାରେ ନୂତନ ଆଇଆଇସି ଭାବେ ଶ୍ରୀ ପ୍ରମୋଦ ନାୟକ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ କୋରାପୁଟ ସାଇବର୍ ଥାନା ଇନ୍ସପେକ୍ଟର ଭାବେ ସଫଳତା ର ସହ କାର୍ଯ୍ୟ ତୁଲାଇ ଆସିଥିଲେ । ପୂର୍ବରୁ ଶ୍ରୀ ଲିମରଜ୍ ପ୍ରଧାନ ବି ସିଂପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟ ତୁଲାଇ ଆସିଥିଲେ, ଶ୍ରୀ ପ୍ରଧାନଙ୍କ ଅବସର ପରେ ଶ୍ରୀ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ବି ସିଂପୁର ଅଂଚଳରେ ଶାନ୍ତି, ସୁରକ୍ଷା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।





# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

# ଭଲ ପାଇବାର ବିନ୍ଧାଣୀ : ୰ ଦିଲ୍ଲିପ ଭାଇ

◆ ସ୍ମିତାରାଣୀ ଦାସ

**ସଂସାର ଏକ ବୈଚିତ୍ର୍ୟମୟ । ତାହାରି ଭିତରେ ପ୍ରତ୍ୟେକ ମନୁଷ୍ୟ ଖୋଜି ବୁଲନ୍ତି ନିଜର ସଂଜ୍ଞା । ସଂଜ୍ଞା ନଥିଲେ ପରିଚୟର କି ମୂଲ୍ୟ ? ଏହି ପରିଚୟ ମାଧ୍ୟମରେ ଯେଉଁସବୁ ଉପାଦାନ ପରିବାର ଓ ପରିଚୟ ପାଇଁ ଉପକାରରେ ଆସେ ସହ ନିଜର ବାଗ୍ମିତା , ଦିଗଦର୍ଶିତା ଏବଂ ପରିବାର ସହବନ୍ଧନର ବିନ୍ଧାଣୀ ଯୌଥ ପରିବାର ମଧ୍ୟରେ ଗୋଟିଏ ସୂତାରେ ମାଳା ହୋଇ ପରସ୍ପର ମଧ୍ୟରେ ଆନନ୍ଦର ଜୁଆର ସୃଷ୍ଟି କରିପାରିଥିବା ସେହି ମହାନ୍ ଆତ୍ମା ଦିଲ୍ଲିପ ଭାଇ ସବୁ ଦିନ ପାଇଁ ଆମ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି କାଳକାଳକୁ ଅମରଧାମର ଯାତ୍ରୀ ହୋଇ । ଯିଏ ଯେଉଁ କାର୍ଯ୍ୟଦକ୍ଷତାରେ ରହିଲେ ସୁଦ୍ଧା ତାହାରି ମାଧ୍ୟମରେ ପରିସ୍ଫୁଟ ହୁଏ ସୁନାମର ଔଜଲ୍ୟ । ସୁବାଷିତ ମହକରେ ଚରିଆଡ଼େ ବ୍ୟାପୀଯାଏ ସେଇ ସୁଗନ୍ଧର ବାସ୍ନା, ଗୁଣର ଗାରିମା । ଏହାହିଁ ତ ଜୀବନର ମୂଲ୍ୟବୋଧ । ଯାହାକି ଏକ ସ୍ୱର୍ଗୀୟ ପ୍ରବୃତି ଓ ଜୀବନର ବ୍ରତ । ସମାଜରେ ସୁଗୁଣ ଯୋଗୁଁ ମନୁଷ୍ୟ ପ୍ରଶଂସିତ ହୁଏ । ମନୁଷ୍ୟତ୍ୱର ପରିମାପକ ହେଉଛି ସୁଗୁଣ । ଦୟା, କ୍ଷମା, ଦାନ, ପରସ୍ପର ପ୍ରତି ଭଲପାଇବା, ଏକାଠି ରହିବାର ସହାବସ୍ଥାନ ଓ ପ୍ରେମ ମନୁଷ୍ୟର ଏକ ସୁପ୍ରବୃତି ବା ସୁଗୁଣ । ସମସ୍ତଙ୍କୁ ଆପଣା ଭାବ ରଖି ଭଲ ପାଇବାର ଉଦାହରଣ ସୃଷ୍ଟି କରିଥିବା ୰ ଦିଲ୍ଲିପ କୁମାର ଦାସ ଏକ ଅନନ୍ୟ ଉଦାହରଣ । ସବୁ କିଛି ସୁଗୁଣର ଅଧିକାରୀ ଦିଲ୍ଲିପ ଭାଇଙ୍କ ପରଲୋକର ଆଜି ହେଉଛି ଏକାଦଶାହ । ସେହି ଦୟା, କ୍ଷମାରୂପୀ ଆତ୍ମା ପ୍ରତି ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।**

*"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ*
*ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।"*

କାଳର ବଶ ଏ ଜଗତ । ତାଙ୍କରି ନିର୍ଦ୍ଦେଶରେ, ତାଙ୍କରି ଇଛାରେ ସବୁ କିଛି ପରିଚାଳିତ । ମାୟାରହିତ ସଂସାରରେ ପ୍ରତ୍ୟେକ ପ୍ରାଣୀଙ୍କ ସବୁକିଛିର ହିସାବ ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପାଖରେ ହିଁ ଥାଏ । ଏଇସବୁ ଭିତରେ ଜନ୍ମ ଓ ମୃତ୍ୟୁ ଚିରାଚରିତ । ଏହା ବ୍ୟତିରେକ ଅନ୍ୟ କିଛି ନାହିଁ । ତେଣୁ ସଂସାର ବନ୍ଧନ ଏପରି ଯେ ତାହା ଯଦି ଛିଣ୍ଡିଯାଏ ତାହାଲେ ତାହାର ଦୁଃଖ ସହିବା ବହୁତ କଷ୍ଟ । ତାଙ୍କରି ହାତରେ ଆମେ ପରା କଣ୍ଢେଇ । ସେ ଯେପରି ପ୍ରାଣୀ ମାନଙ୍କୁ ନଚାଇବେ ପ୍ରାଣୀ ମାନେ ମଧ ତାଙ୍କରି ନିର୍ଦ୍ଦେଶରେ ନାଚିବେ ଏହାହିଁ ଧରାବନ୍ଧା ବିଧିନିର୍ଦ୍ଦିଷ୍ଟ । ପ୍ରତ୍ୟେକ ମନୁଷ୍ୟ ନିଜର ସୁକର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି ଏବଂ ପରିଶେଷରେ ଭଗବାନଙ୍କ କୋଳରେ ହିଁ ମୋକ୍ଷପ୍ରାପ୍ତି କରିଥାଆନ୍ତି । ଯାହାର ଉଦାହରଣ ୰ ଦିଲ୍ଲିପ କୁମାର ଦାସ । ପ୍ରକୃତିଘେରା ମୟୂରଭଂଜ ଜିଲ୍ଲାର ଉଦଳାର ଜନୈକ ବରିଷ୍ଠ ବ୍ୟକ୍ତି ଶ୍ରୀଯୁକ୍ତ ନରେନ୍ଦ୍ର ଚନ୍ଦ୍ର ଦାସ ଏବଂ ସ୍ୱର୍ଗତା ରତ୍ନମାଳା ଦେବୀଙ୍କ ସୁଯୋଗ୍ୟ ଜ୍ୟେଷ୍ଠ ପୁତ୍ର ୰ ଦିଲ୍ଲିପ କୁମାର ଦାସ (ନିନି ବାବୁ) ଯେତେବେଳେ ଜନ୍ମଲାଭ କଲେ ପରିବାର ପିତା-ମାତା ଖୁବ ଖୁସି ହୋଇ ଯାଇ ଥିଲେ । ନିଜ ସହ ତାଙ୍କର ୬ ଭଉଣୀ, ୪ ଭାଇକୁ ନେଇ ଯୌଥ ପରିବାର । ବଡ଼ ପୁଅ ହୋଇ ଥିବାରୁ ସବୁ ଦାୟିତ୍ୱକୁ ସେ ସୁଚାରୁ ରୂପେ ତୁଲାଇ ପାରୁଥିଲେ । ଭାଇ- ଭଉଣୀ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ ସେ ଏପରି ଭାବେ ସୃଷ୍ଟି କରିଥିଲେ ଯେ, ହିଂସା, ଈର୍ଷା ବାଦକୁ ସେ ସ୍ପର୍ଶ କରିବାକୁ ଦେଉ ନଥିଲେ । ଯାହାକି ଏହା ଥିଲା ତାଙ୍କ ପାଖେ ଏହି ଦିବ୍ୟଗୁଣ । କହିବାକୁ ଗଲେ ସେ ଏକାଧାରାରେ ଜଣେ ଦିବ୍ୟାତ୍ମା ସୁପୁତ୍ର । ପାଠ ପଢ଼ା ସହ ସେ କଳାକୁ ମଧ ଖୁବ୍ ଭଲ ପାଉଥିଲେ ଏବଂ ଉଦଳାରେ ଥିବା "ଇଗଲ୍" କ୍ଲବରେ ତାଙ୍କର ସହଯୋଗୀଙ୍କ ସହ ସେ ଡ୍ରାମା ମଧ



**"ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ ।"**

**ଅନ୍ତରାଗର ଏକବର୍ଷ ପୂର୍ତ୍ତି**

କରୁଥିଲେ । ସୁନ୍ଦର ଅଭିନୟ ମାଧ୍ୟମରେ ସେ ଦର୍ଶକ ମାନଙ୍କର ପ୍ରିୟ ମଧ ହୋଇଥିଲେ । କେବଳ ଉଦଳା ନୁହେଁ ସେ ମୟୂରଭଂଜ ଜିଲ୍ଲା କରଂଜିଆଠାରେ ସରକାରୀ ଚାକିରୀରେ ଥିବା ବେଳେ ସେଠାରେ ଥିବା "ପଲ୍ଲବୀ" ନାଟ୍ୟାନୁଷ୍ଠାନ ସହ ଜଡ଼ିତ ରହିଥିଲେ । ତାଙ୍କର ପତ୍ନୀ ଶାଶ୍ୱତୀ ମହାନ୍ତି ମଧ ସରକାରୀ ଉଚ୍ଚ ପଦବୀରେ ଅଧିଷ୍ଠିତା ହୋଇଥିଲେ ମଧ ଜଣେ ସୁଗୃହିଣୀ, ସୁପତ୍ନୀ, ସୁମାତା ଏବଂ ଜଣେ ସୁଯୋଗ୍ୟ କୂଳବଧୂ ରୂପେ ସଠିକ୍ ଦାୟିତ୍ୱ ନିଭାଉଥିବା ବେଳେ ଦିଲ୍ଲିପ ଭାଇଙ୍କର ସୁଯୋଗ୍ୟା ପଦଚାରିଣୀ ହୋଇପାରିଥିଲେ । ତାଙ୍କର ଦିଗ୍‌ଦର୍ଶିତା ଯୋଗୁଁ ହୁଏତ ଦିଲ୍ଲିପ ଭାଇ ଆଜି ଆହୁରି ଆଗକୁ ଯାଇପାରିଥିଲେ । ପିତା-ମାତା ପରିବାର ପ୍ରତି ଯେପରି କର୍ତ୍ତବ୍ୟ କରୁଥିଲେ ଭଗବାନଙ୍କ ପ୍ରତି ମଧ ତାଙ୍କର ଅଟଳ ବିଶ୍ୱାସ ଓ ଭରସା ଥିଲା । ଦେବୀ ଏବଂ ଶ୍ରୀଜଗନ୍ନାଥଙ୍କୁ ସେ ବହୁତ ଭଲଲ ପାଉଥିଲେ । ନିଷ୍ଠା ସହକାରେ ତାଙ୍କର ପ୍ରାର୍ଥନା ହୁଏତ ଶ୍ରୀଜଗନ୍ନାଥଙ୍କ ଅନ୍ତରକୁ ଭେଦି ଯାଇଥିଲା। ନଚେତ୍ ତାଙ୍କ ରଥଯାତ୍ରା ଦିନ ସେ ତାଙ୍କ ପାଖକୁ ନେଇ ଯାଇ ନଥାଆନ୍ତେ । କିଛି ମାସ ତଳେ ଯଦିଚ ତାଙ୍କର ବ୍ରେନ୍‌ଷ୍ଟ୍ରୋକ ହୋଇଥିଲା ତଥାପି ସେ ଭଲ ହୋଇ ଆସୁଥିଲେ କିନ୍ତୁ ଗତ ୨୦୨୫ଜୁନ୍ ୨୭ ତାରିଖ ଶ୍ରୀଗୁଣ୍ଡିଚା ରଥଯାତ୍ରା ଦିନ କୌଣସି କାର୍ଯ୍ୟ ପାଇଁ ନିଜ ମଟର ସାଇକେଲରେ ବାହାରକୁ ଯାଇଥିବା ବେଳେ ମୃତ୍ୟୁ ଯେପରି ତାଙ୍କୁ ଆହ୍ୱାନ କରିଥିଲା ଏବଂ ବସ୍ ସହ ଦୁର୍ଘଟଣା ଯୋଗୁଁ ସେ ପତିତପାବନଙ୍କ ଶ୍ରୀପଦରେ ନିଜକୁ ସମର୍ପି ଦେଇଥିଲେ । ହୁଏତ ତାଙ୍କ ପାଇଁ ଥିଲା ଅମୃତ କିନ୍ତୁ ପରିବାର ପାଇଁ ଥିଲା ଦୁଃଖଦ । ଏକମାତ୍ର ସୁଯୋଗ୍ୟା କନ୍ୟା ଦେବାଶ୍ରିତା (ମାମୁନି) ଜ୍ୱାଇଁ ଶୁଭାଶିଷ, ନାତୁଣୀ ମାନବୀ, ବାପା, ପତ୍ନୀ, ଭାଇ-ଭଉଣୀ ପରିବାର ସଦସ୍ୟଙ୍କୁ ଶୋକସାଗରରେ ଭସାଇ ସେ ସିନା ଚାଲି ଯାଇଛନ୍ତି କିନ୍ତୁ ଛାଡ଼ି ଯାଇଥିବା ସମସ୍ତଙ୍କ ପ୍ରତି ଭଲ ପାଇବା, ସମସ୍ତ ଦିବ୍ୟଗୁଣ ତାଙ୍କୁ ଚିରକାଳ ସମସ୍ତଙ୍କ ହୃଦୟରେ ସଦା ଉଦ୍‌ଜୀବିତ ରହିବ ଏହା ନିଃସନ୍ଦେହ । ଆଜି ତାଙ୍କର ପରଲୋକ ଗମନ କରବାର ଏକବର୍ଷ ପୂର୍ତ୍ତି । କାଳିଆସାଆନ୍ତଙ୍କ ପବିତ୍ର ରଥଯାତ୍ରା ଏବଂ ସେ ରଥରେ ଚଢ଼ି ମାଉସୀ ମା' ଘରକୁ ଯାଉଥିବା ବେଳେ ହୁଏତ ଦିଲ୍ଲିପ ଭାଇ ସ୍ୱର୍ଗରେ ଥାଇ ମହାପ୍ରଭୁଙ୍କୁ ପ୍ରଣିପାତ କରୁଥିବେ ।

*ଗୋପାଳଗାଁ, ବାଲେଶ୍ୱର-*
*ମୋ୯୮୫୩୯୬୩୭୫୧*

# ଦାୟିତ୍ୱ, ଶୃଙ୍ଖଳା ଓ ସେବାର ସଂକଳ୍ପ: ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶପଥ ପାଠ

ବଲାଙ୍ଗୀର : (ହି.ସ.) – ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ର ମୀନା ମଂଚ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ର କ୍ୟାବିନେଟ ଗଠନ ପରେ ମନୋନୀତ ଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ବଂଟନ କରାଯାଇଥିଲା । ଶୃଙ୍ଖଳା, ସ୍ୱାସ୍ଥ୍ୟ, ସାଂସ୍କୃତିକ, କ୍ରୀଡ଼ା, ପରିବେଶ, ପୁସ୍ତକାଳୟ ଓ ଶିକ୍ଷା ଭଳି ବିଭାଗ ପାଇଁ ମନ୍ତ୍ରୀ ଓ ଉପ ମନ୍ତ୍ରୀ ଚୟନ କରାଯାଇଥିଲା । ସମ୍ପୃକ୍ତ ବିଭାଗର କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ସହ ସେମାନେ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା, ସହପାଠୀମାନଙ୍କ ମଧ୍ୟରେ ସହଯୋଗ ଭାବନା ସୃଷ୍ଟି ଏବଂ ବିଭିନ୍ନ ସହପାଠ୍ୟ କାର୍ଯ୍ୟକଳାପରେ ସକ୍ରୀୟ ଭୂମିକା ଗ୍ରହଣ କରିବେ । ମୀନା ମଂଚରେ ମୁଖ୍ୟମନ୍ତ୍ରୀ-ପ୍ରତ୍ୟୁଷା ରାଣୀ ବେହେରା, ଉପ-ମୁଖ୍ୟମନ୍ତ୍ରୀ ଦିପ୍ତିମୟୀ ପ୍ରଧାନ, ଶିକ୍ଷାମନ୍ତ୍ରୀ-ଶ୍ୱେତାଞ୍ଜଳି ମୁଗ୍ରୀ, ଉପ-ଶିକ୍ଷା ମନ୍ତ୍ରୀ ଶ୍ରୀୟାରାଣୀ ନାଏକ, ସ୍ୱାସ୍ଥ୍ୟ ମନ୍ତ୍ରୀ-ହୃଦୟା ନନ୍ଦ, ଉପ-ସ୍ୱାସ୍ଥ୍ୟ ମନ୍ତ୍ରୀ ସିଦ୍ଧି ସାହୁ, ଖାଦ୍ୟ ମନ୍ତ୍ରୀ-ଜ୍ୟୋତିର୍ମୟୀ ସ୍ୱାଇଁ, ଉପ-ଖାଦ୍ୟ ମନ୍ତ୍ରୀ ଶୁଚିସ୍ମିତା ସାହୁ, ସଂସ୍କୃତି ମନ୍ତ୍ରୀ ରିୟାଞ୍ଜଳି ସ୍ୱାଇଁ, ଉପ-ସଂସ୍କୃତି ମନ୍ତ୍ରୀ ସିମରନ ନାଏକ, ପରିବେଶ ମନ୍ତ୍ରୀ-ଅପର୍ଣ୍ଣା ସୁନା, ଉପ-ପରିବେଶ ମନ୍ତ୍ରୀ ସିମରନ ବେହେରା, କ୍ରୀଡ଼ାମନ୍ତ୍ରୀ - ସୁଶ୍ରୀ ସାଗରୀକା ଜେନା,ଉପ-କ୍ରୀଡ଼ା ମନ୍ତ୍ରୀ ଆରୋହୀ ଛତ୍ରିଆ ମନୋନୀତ ହୋଇଥିବାବେଳେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ମାନଙ୍କ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ-ଅମନ୍ନାଲାଲ ଶତପଥୀ,ଉପ-ମୁଖ୍ୟମନ୍ତ୍ରୀ ଅର୍ଚ୍ଚନା ବେହେରା, କ୍ରୀଡ଼ା ମନ୍ତ୍ରୀ-ସୁହାନୀ ନାଏକ, ଉପ-କ୍ରୀଡ଼ା ମନ୍ତ୍ରୀ ପ୍ରାଚୁର୍ଯ୍ୟା ମାହାଣା, ପରିବେଶ ମନ୍ତ୍ରୀ-ଈଶା ବହିଦାର, ଉପ-ପରିବେଶ ମନ୍ତ୍ରୀ ଆରାଧ୍ୟା କବାଟ, ସଂସ୍କୃତି ମନ୍ତ୍ରୀ-ଲୋପାମୁଦ୍ରା ବାଗ, ଉପ-ସଂସ୍କୃତି ମନ୍ତ୍ରୀ ସୁଲଗ୍ନା ବକୁଳ, ଖାଦ୍ୟ ମନ୍ତ୍ରୀ -ଶ୍ରୀୟା ସାହୁ, ଉପ-ଖାଦ୍ୟମନ୍ତ୍ରୀ ଅର୍ପିତା ସିଂ ନିନା, ସ୍ୱାସ୍ଥ୍ୟ ମନ୍ତ୍ରୀ-ଶିଖା ମିଶ୍ର,ଉପ-ସ୍ୱାସ୍ଥ୍ୟ ମନ୍ତ୍ରୀ ରୀୟା ନନ୍ଦ, ଶିକ୍ଷାମନ୍ତ୍ରୀ-ଦମୟନ୍ତୀ ଖୁଆସ, ଉପ-ଶିକ୍ଷା ମନ୍ତ୍ରୀ ସୁସ୍ମିତା କୁମ୍ଭାର ମନୋନୀତ ହୋଇଥିଲେ । ଏହି ଅବସରରେ ମୀନା ମଂଚ ଓ ଛାତ୍ର କ୍ୟାବିନେଟରେ ମନୋନୀତ ସମସ୍ତ ମନ୍ତ୍ରୀ ଓ ଉପ-ମନ୍ତ୍ରୀ ମାନଙ୍କୁ ନିଜ ନିଜ ବିଭାଗର ଦାୟିତ୍ୱ, ସଚ୍ଚୋଟତା, ନିଷ୍ଠା ଓ ଦାୟିତ୍ୱବୋଧର ସହିତ ସଠିକ ଭାବେ ନିର୍ବାହ କରିବା ସହ ବିଦ୍ୟାଳୟ ର ଶୃଙ୍ଖଳା, ସ୍ୱଚ୍ଛତା ଓ ସାମଗ୍ରିକ ବିକାଶ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱୋଶ୍ରୀ ଭୋଇ ଛାତ୍ରୀମାନଙ୍କୁ ଦାୟିତ୍ୱବାନ, ଶୃଙ୍ଖଳିତ ଏବଂ ସେବାଭାବୀ ନେତୃତ୍ୱ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ଏଭଳି ଛାତ୍ର ନେତୃତ୍ୱ ବ୍ୟବସ୍ଥା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦାୟିତ୍ୱବୋଧ ଓ ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କୁ ଭବିଷ୍ୟତର ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ନିଜ ବକ୍ତବ୍ୟରେ ମୀନା ମଂଚ ଓ ଛାତ୍ର କ୍ୟାବିନେଟ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ଆତ୍ମବିଶ୍ୱାସ,ଦାୟିତ୍ୱବୋଧ ଓ ସାମାଜିକ ଚେତନା ର ବିକାଶ ଘଟିବା ସହ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସେମାନଙ୍କ ସକ୍ରୀୟ ସହାଭାଗିତା ସୁନିଶ୍ଚିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ସୁରେଶ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ନୂତନ ନାୟକ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ ।

# ମାଲକାନଗିରି ଜିଲ୍ଲା ସ୍ତରୀୟ ଶିକ୍ଷକ ବଦଳି କମିଟି ବୈଠକ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଶିକ୍ଷକ ବଦଳି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷକମାନଙ୍କର ଉଚିତ ଅଦଳବଦଳ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରିବା ପାଇଁ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି, 'ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ସନ୍ତୁଳନ ରଖିବା ଆମର ମୁଖ୍ୟ ଲକ୍ଷ୍ୟ । ସମ୍ପୂର୍ଣ୍ଣ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସରକାରୀ ନିୟମାବଳୀର କଠୋର ଅନୁପାଳନ କରାଯିବ । ବିଶେଷ କରି ଜିଲ୍ଲାର ଦୂରବର୍ତ୍ତୀ ଏବଂ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଥିବା ଏକକ ଶିକ୍ଷକ ବିଦ୍ୟାଳୟଗୁଡ଼ିକର ସମସ୍ୟା ଦୂର କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ, ଯେପରି କୌଣସି ବି ଶିଶୁ ଗୁଣାତ୍ମକ ଶିକ୍ଷାରୁ ବଂଚିତ ହେବେ ନାହିଁ ।' ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଶିକ୍ଷକମାନଙ୍କ ବୃତିଗତ ତଥ୍ୟ, ସେବା ଅବଧି ଏବଂ ଅନଲାଇନ ପ୍ରୋଫାଇଲ୍‌କୁ ଆଧାର କରି ଏହି ବଦଳି ତାଲିକା ପ୍ରସ୍ତୁତ କରାଯାଇଛି । ଯେଉଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏହି ବଦଳି ପ୍ରକ୍ରିୟା ଦ୍ୱାରା ଜିଲ୍ଲାର ବିଦ୍ୟାଳୟ ଗୁଡ଼ିକରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ ହେବା ସହ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି ।

# ଚମ୍ପୁଆ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣୀ

ଚମ୍ପୁଆ : (ହି.ସ.) – ଚମ୍ପୁଆ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଯୋଗଦାନ କରି ଏହି ଅଭିଯୋଗଗୁଡ଼ିକର ଶୁଣାଣୀ କରିଥିଲେ । ଏଥିରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତୀନ କୁଶଲକର ଦାଗଡୁ, ଜିଲା ବନଖଣ୍ଡ ଅଧିକାରୀ ଡିଡି ହନୁମନ୍ତ, ପିଡିଡିଆର୍‌ଡିଏ କୁମାର ନାଗଭୁଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ, ଚମ୍ପୁଆ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ ପ୍ରମୁଖ ବହୁ ଜିଲାସ୍ତରୀୟ ପଦାଧିକାରୀ ଓ ଉପଖଣ୍ଡ ସ୍ତରୀୟ ତଥା ବ୍ଲକସ୍ତରୀୟ ପଦାଧିକାରୀ ଆଦି ଉପସ୍ଥିତ ଥିଲେ । ଉକ୍ତ ଜନ ଶୁଣାଣୀରେ ପ୍ରାୟ ୨୬୭ ଗୋଟି ଅଭିଯୋଗର ବିଚାର କରାଯାଇଥିଲା । ଜନଶୁଣାଣୀରେ ପ୍ରଧାନମନ୍ତ୍ରୀ ଆବାସ, ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ସମସ୍ୟା, ଟ୍ରୋମାକେୟାର ଆଦି ଉପରେ ଲୋକମାନେ ଅଭିଯୋଗ ଉପସ୍ଥାପନ କରିଥିଲେ । ଏହାବ୍ୟତୀତ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାନୁପୁର ନଦୀବନ୍ଧ ଯୋଜନା କାର୍ଯ୍ୟକ୍ଷମ, କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ନିର୍ମାଣ, ବାଇପାସ ରୋଡ଼ ନିର୍ମାଣ ଉପରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ସିଂ ସେଠାରେ ଉପସ୍ଥିତ ଥିବା ସମସ୍ତ ପଦାଧିକାରୀଙ୍କୁ ମଧ୍ୟାହ୍ନ ଭୋଜନର ମାନ ଓ ଗୁଣବତା ଯାଂଚ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଜେ ମଧ୍ୟାହ୍ନ ଭୋଜନ ଖାଇ ତାହା ଉପରେ ଜିଲ୍ଲାପାଳଙ୍କୁ ଅବଗତ କରିବେ ବୋଲି କହିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିରରେ ୧୯୧ ରୋଗୀଙ୍କ ପଂଜିକରଣ

ଜଳେଶ୍ୱର (ନିପ୍ର) : ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶରେ ଜଳେଶ୍ୱର ପଂଚାୟତ ସମିତି ଦ୍ୱାରା ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶାନ୍ତିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ମୋଟ ୧୯୧ ଜଣ ରୋଗୀ ଯୋଗଦେଇ ସେମାନଙ୍କ ନାମ ପଂଜିକରଣ କରିଥିଲେ । ଅନୁଷ୍ଠିତ ସଚେତନତା ସଭାରେ ବ୍ଲକ ଚେୟାରମ୍ୟାନ ମାନସ ଜେନା ସଭାପତିତ୍ୱ କରି ଭିନ୍ନକ୍ଷମ ମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେଇ ସାଟିଫିକେଟ ହାସଲ କରିବା ସହିତ ସରକାରଙ୍କ ଯୋଜନାର ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ



ଅତିଥି ବିଭାଗୀୟ ଗୋଷ୍ଠୀ ସଂଗଠକ ମନାଲିସା ମିଶ୍ର ଯୋଗଦେଇ ସମାଜରେ ଅବହେଳିତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ଯୋଗାଇ ଦେବାର ଏହା ପ୍ରୟାସ ବୋଲି କହିଥିଲେ । ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସଜତ ଅନୁପମ ସଂଚାଳନା କରିଥିବା ବେଳେ ଏବିଡିଓ ସୁଧୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୃଷ୍ଟି ବାଧିତରେ ୩୯ଜଣ, ଅସ୍ଥିଶଲ୍ୟ ସ୍ନାୟୁ ଆଘାତ ରୋଗରେ ୧୨୦, ମାନସିକ ଅନଗ୍ରସରରେ ୩୨ଜଣ ରୋଗୀ ପଂଜିକରଣ କରିଥିବା ବେଳେ ୭ଜଣ ରୋଗୀଙ୍କୁ ସାଟିଫିକେଟ ପ୍ରଦାନ କରାଯାଇଥିବା ଜଣାଯାଇଛି । ଡ. ବ୍ରଜକିଶୋର ଗିରି, ଡ. ରନ୍ଧାକର ଦାସ, ଡ. ଶିବାନନ୍ଦ ରଥ, ଚି ରଂଜନ ଡ. ଅଙ୍କିତ ମହାନ୍ତି ପ୍ରମୁଖ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ 'ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର : (ହି.ସ.)-ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ କମ୍ପିଟିସନ୍ ସେଲ୍ ପକ୍ଷରୁ 'ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବସୃଜନ, ଉଦ୍ଭାବନ ଓ ଉଦ୍ୟୋଗୀ ମନୋଭାବର ବିକାଶ ଘଟାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ୧୦୦ରୁ ଅଧିକ ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦାନ କରିଥିଲେ ।ଏହି ସଚେତନତା କାର୍ଯ୍ୟକ୍ରମକୁ ଶ୍ରୀ ସଚିନ କୁମାର ନାୟକ, ସହକାରୀ ଅଧ୍ୟାପକ, ବାଣିଜ୍ୟ ବିଭାଗ ତଥା ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ର ସଂଯୋଜକ, ଏବଂ ଡ଼ଃ ଅରୁଣ କୁମାର ରାଜ, ସିଙ୍ଗଲ ପଏଂଟ କଂଟାକ୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମଟି ସୂଚନାପୂର୍ଣ୍ଣ ଓ ପରସ୍ପର କ୍ରିୟାଶୀଳ ଢଙ୍ଗରେ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ପି.ଜି. କାଉନସିଲର ଅଧ୍ୟକ୍ଷ ଡ଼ଃ. ପ୍ରଶାନ୍ତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବା, ସ୍ଥାନୀୟ ଓ ସାମାଜିକ ସମସ୍ୟାର ନବସୃଜନାତ୍ମକ ସମାଧାନ ଖୋଜିବା ଏବଂ ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ । ବୈଷୟିକ ଅଧିବେଶନରେ ସଚିନ କୁମାର ନାୟକ ପାୱାର ପଏଂଟ ପ୍ରେଜେଂଟେସନ୍ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୀତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର ଏବଂ ପ୍ରତିଯୋଗିତାର ବିସ୍ତୃତ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ । ସେ ପ୍ରତିଯୋଗିତାର ପ୍ରକ୍ରିୟା, ଯୋଗ୍ୟତା, ବିଭିନ୍ନ ବିଷୟଭିତିକ ଶ୍ରେଣୀ, ମୂଲ୍ୟାୟନ ପ୍ରକ୍ରିୟା ଓ ପ୍ରସ୍ତାବ ଦାଖଲ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସେ ତିନି ପର୍ଯ୍ୟାୟ ବିଶିଷ୍ଟ ଏହି ପ୍ରତିଯୋଗିତାରେ ମିଳୁଥିବା ଆର୍ଥିକ ସହାୟତା ସମ୍ପର୍କରେ ମଧ ଆଲୋକପାତ କରିଥିଲେ । ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୭ଟି ପ୍ରସ୍ତାବକୁ ପ୍ରତିଟି ପାଇଁ ୧,୦୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ପରବର୍ତୀ ପର୍ଯ୍ୟାୟରେ ଏହି ଦଳଗୁଡ଼ିକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯେଉଁଠାରେ ଶ୍ରେଷ୍ଠ ୧୦ଟି ପ୍ରସ୍ତାବକୁ ପ୍ରତିଟି ପାଇଁ ୫,୦୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ, ଯାହା ସେମାନଙ୍କର ଉଦ୍ଭାବନକୁ ସଫଳ ଷ୍ଟାର୍ଟ-ଅପ୍‌ରେ ପରିଣତ କରିବାରେ ସହାୟକ ହେବ । କାର୍ଯ୍ୟକ୍ରମର ଶେଷରେ ଏକ ପ୍ରଶ୍ନୋତର ପର୍ବ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ ଏବଂ ବିଭିନ୍ନ ନବସୃଜନାତ୍ମକ ପ୍ରକଳ୍ପ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ।ଏହି ସଚେତନତା କାର୍ଯ୍ୟକ୍ରମ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ନବସୃଜନ, ଗବେଷଣା ଓ ଉଦ୍ୟୋଗୀତାର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କୁ ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ରେ ସକ୍ରିୟ ଭାବେ ଅଂଶଗ୍ରହଣ ପାଇଁ ପ୍ରେରିତ କରିଛି ।

# ଫୁଲବାଣୀ ସରକାରୀ ଆଇଟିଆଇ ରେ ଆପ୍ରେଂଟସସିପ୍ ମେଳା ଅନୁଷ୍ଠିତ

କନ୍ଧମାଳ : (ହି.ସ.) - ସରକାରୀ ଆଇଟିଆଇ, ଫୁଲବାଣୀ ପରିସରରେ ମାସରେ ଏକ ଅପ୍ରେଂଟସସିପ୍ ମେଳା ଅନୁଷ୍ଠିତ ହୋଇଯାଇଛି । ଯୁବ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ କ୍ଷେତ୍ର ସହ ସିଧାସଳଖ ସଂଯୋଗ କରାଇ ସେମାନଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ନିୟୋଜନ ସୁଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର, ଅଧ୍ୟକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ, ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ର ଏବଂ ପ୍ଲେସମେଂଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ରଙ୍କ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ହୋଇଥିଲା । ସେ ଅପ୍ରେଂଟସସିପ୍ର ଗୁରୁତ୍ୱ, ଜାତୀୟ ଅପ୍ରେଂଟସସିପ୍ ପ୍ରୋତ୍ସାହନ ଯୋଜନା ଏବଂ ଶିଳ୍ପ କ୍ଷେତ୍ରରେ ବାସ୍ତବ କାର୍ଯ୍ୟ ଅନୁଭୂତି ହାସଲ କରିବାର ସୁଯୋଗ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଏହାପରେ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ଶ୍ରୀ ପୁରୁଷୋତମ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ଅପ୍ରେଂଟସସିପ୍ ମାଧ୍ୟମରେ ଯୁବପିଢ଼ି ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ହାସଲ କରି ନିଜ କ୍ୟାରିୟରକୁ ସୁଦୃଢ଼ କରିପାରିବେ । ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ପ୍ରମାଣପତ୍ର ନୁହେଁ, ବରଂ ବ୍ୟବହାରିକ ଦକ୍ଷତା ଓ ଶିଳ୍ପ ଅଭିଜ୍ଞତା ସଫଳତାର ଚାବିକାଠି । ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ନୂତନ ସମ୍ଭାବନାର ଦ୍ୱାର ଖୋଲିଦେଇଥାଏ । ପ୍ଲେସମେଂଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅପ୍ରେଂଟସସିପ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକ ଦଲିଲ, ଆବେଦନ ପ୍ରଣାଳୀ ଏବଂ ବିଭିନ୍ନ କମ୍ପାନୀରେ ଉପଲବ୍ଧ ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମେଳାରେ ଯୋଗଦେଇଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ନିଜ ନିଜ ସଂସ୍ଥାରେ ଉପଲବ୍ଧ ଅପ୍ରେଂଟସସିପ୍ ସୁଯୋଗ, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଭବିଷ୍ୟତ କ୍ୟାରିୟର ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ । ଛାତ୍ରଛାତ୍ରୀମାନେ କମ୍ପାନୀ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରି ବିଭିନ୍ନ ପ୍ରଶ୍ନର ଉତର ପାଇବା ସହ ନିଜର ଭବିଷ୍ୟତ କ୍ୟାରିୟର ଯୋଜନା ସମ୍ପର୍କରେ ସ୍ପଷ୍ଟ ଧାରଣା ଲାଭ କରିଥିଲେ । ଏହି ଅପ୍ରେଂଟସସିପ୍ ମେଳା ସରକାରୀ ଆଇଟିଆଇ ଫୁଲବାଣୀର ପ୍ରଶିକ୍ଷାର୍ଥୀଙ୍କ ପାଇଁ ଶିଳ୍ପ କ୍ଷେତ୍ର ସହ ସଂଯୋଗ ସ୍ଥାପନ, ବ୍ୟବହାରିକ ଜ୍ଞାନ ବୃଦ୍ଧି ଏବଂ ନିୟୋଜନ ସମ୍ଭାବନା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି । ଶେଷରେ ଡ଼ା. ନୃସିଂହାନନ୍ଦ ମହାପାତ୍ର ସମସ୍ତ ଅତିଥି, କମ୍ପାନୀ ପ୍ରତିନିଧି, ପ୍ରଶିକ୍ଷାର୍ଥୀ ଏବଂ କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମର ସଫଳ ସମାପନ ହୋଇଥିଲା ।















# ରଥଯାତ୍ରା ପୂର୍ବରୁ ପୁରୀରେ ଅତ୍ୟାଧୁନିକ ଡିଜିଟାଲ ହୁଣ୍ଡି ସମର୍ପଣର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱବ୍ୟାପୀ ଭକ୍ତଙ୍କ ଆଧ୍ୟାତ୍ମିକ ଆସ୍ଥାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକ ଅତି ସୁନ୍ଦର, ଭକ୍ତିପୂତ ଡିଜିଟାଲ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ପବିତ୍ର ରଥଯାତ୍ରାର ପୂର୍ବ ଦିନ ବୁଧବାର ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟାଧୁନିକ ଡିଜିଟାଲ




ହୁଣ୍ଡି 'ସମର୍ପଣ'ର ଶୁଭାରମ୍ଭ କରିଛନ୍ତି । ଏହି ଐତିହାସିକ ପଦକ୍ଷେପଟି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି । ଓକାକ ଦ୍ୱାରା ବିକଶିତ ହୋଇଥିବା ଏହି ନିରାପଦ ଡିଜିଟାଲ ପ୍ଲାଟଫର୍ମକୁ ଶ୍ରୀମନ୍ଦିର ପ୍ରଶାସନର ଅଫିସିଆଲ୍ ପୋର୍ଟାଲ ସହିତ ସଂଯୁକ୍ତ କରାଯାଇଛି, ଯାହା ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ସ୍ୱଚ୍ଛତାର ସହ ଦାନ କରିବାର ସୁବିଧା ପ୍ରଦାନ କରୁଛି । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱର ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ସହ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଏହି ବ୍ୟବସ୍ଥା ଜରିଆରେ ସଂଗୃହିତ ଦାନ ଅର୍ଥ ଶ୍ରୀମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ବିନିଯୋଗ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଡିଜିଟାଲ ହୁଣ୍ଡି - ସମର୍ପଣ' କେବଳ ଏକ ପ୍ରଯୁକ୍ତିବିଦ୍ୟା ଭିତିକ ସଂସ୍କାର ନୁହେଁ, ଏହା ହେଉଛି ସାରା ବିଶ୍ୱରେ ରହୁଥିବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭକ୍ତି ଓ ସମର୍ପଣ ଭାବକୁ ଶ୍ରୀମନ୍ଦିର ସହ ଯୋଡ଼ିବାର ଏକ ପବିତ୍ର ତଥା ସ୍ୱଚ୍ଛ ସେତୁ । ଆଗାମୀ ଦିନରେ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ଓ ଶ୍ରୀମନ୍ଦିରର ସର୍ବାଙ୍ଗୀନ ବିକାଶରେ ଏହା ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଏହି ବ୍ୟବସ୍ଥା ଅଧିକ ସହଜ, ସ୍ୱଚ୍ଛ ଓ ସମୟ ଉପଯୋଗୀ ହୋଇଥିବାରୁ ଏହା ଦ୍ୱାରା ଦେଶ-ବିଦେଶରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ଏବେ ଘରେ ରହି ମଧ୍ୟ ମହାପ୍ରଭୁଙ୍କ ଚରଣରେ ସେବା ଅର୍ପଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ସୁନ୍ଦର ପ୍ରଯୁକ୍ତିବିଦ୍ୟା ଭିତିକ ସଂସ୍କାର ପାଇଁ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍ ସହିତ ମୋବାଇଲ୍ ଆପ୍ ମଧ୍ୟ ବିକଶିତ କରାଯାଇଛି । ଶ୍ରଦ୍ଧାଳୁମାନେ ନିଜ ମୋବାଇଲ୍ ନମ୍ବର ଏବଂ ଓଟିପି ମାଧ୍ୟମରେ ସହଜରେ ଲଗ୍-ଇନ୍ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିପାରିବେ । ଦାନ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏଥିରେ ୟୁପିଆଇ, ଇଂଟରନେଟ୍ ବ୍ୟାଙ୍କିଙ୍ଗ୍, ଡେବିଟ୍ ଓ କ୍ରେଡିଟ୍ କାର୍ଡ ସମେତ ହ୍ୱାଟସ୍-ଆପ୍ ମାଧ୍ୟମରେ ମଧ୍ୟ ପେମେଂଟ କରିବାର ସୁବିଧା ପ୍ରଦାନ କରାଯାଇଛି ଏବଂ ଦାନ ପ୍ରକ୍ରିୟା ସଫଳ ହେବା ପରେ ଭକ୍ତମାନେ ତୁରନ୍ତ ନିଜର ଡିଜିଟାଲ ରସିଦ୍ ମଧ୍ୟ ଡାଉନ୍ ଲୋଡ୍ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଯୋଗ୍ୟଯେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାରେ ଦାନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ସୀମା ରଖାଯାଇ ନାହିଁ । ଭକ୍ତମାନେ ନିଜ ସାମର୍ଥ୍ୟ ଅନୁଯାୟୀ ମାତ୍ର ୧ ଟଙ୍କାରୁ ଆରମ୍ଭ କରି ଯେତେ ଚାହିଁବେ ସେତେ ଅର୍ଥ ମହାପ୍ରଭୁଙ୍କ ଚରଣରେ ସମର୍ପଣ କରିପାରିବେ । ଏହାଛଡ଼ା, ଶ୍ରୀମନ୍ଦିରର 'ମରାମତି ଓ ନବୀକରଣ' ଏବଂ 'କର୍ପସ' ପାଣ୍ଠିକୁ ଦାନ କରୁଥିବା ଶ୍ରଦ୍ଧାଳୁମାନେ ନିଜର ପ୍ୟାନ୍ ବିବରଣୀ ପ୍ରଦାନ କରି ଆୟକର ରିହାତିର ସୁବିଧା ମଧ୍ୟ ପାଇପାରିବେ ।ଏହି ମୋବାଇଲ୍ ଆପ୍ କେବଳ ଦାନ କରିବାରେ ସୀମିତ ନରହି ଭକ୍ତମାନଙ୍କ ପାଇଁ ଏକ ସୁନ୍ଦର ଡିଜିଟାଲ ସହଯୋଗୀ ଭାବେ କାର୍ଯ୍ୟ କରିବ ।

# ଅମିତ ଶାହଙ୍କ ଉପସ୍ଥିତିରେ ଏମ୍‌ସିଡି ଓ ଏନ୍‌ଡିଡିବି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ, ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ନଗର ନିଗମ (ଏମ୍‌ସିଡି) ଏବଂ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡିଡିବି) ପକ୍ଷରୁ ଦିଲ୍ଲୀରେ ଗୋବରର ସଠିକ୍ ଉପଯୋଗ ପାଇଁ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଂଟ ସ୍ଥାପନ ନିମନ୍ତେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର



କରାଯାଇଛି । ଏହି ଅବସରରେ କେନ୍ଦ୍ର ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ୍ ଲଲ୍ଲନ ସିଂହ, ଦିଲ୍ଲୀର ଉପ-ରାଜ୍ୟପାଳ ଶ୍ରୀ ତରନଜିତ ସିଂହ ସାନ୍ଧୁ, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା, କେନ୍ଦ୍ର ଗୃହ ସଚିବ ଏବଂ କେନ୍ଦ୍ର ସହଯୋଗ ସଚିବଙ୍କ ସମେତ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଆଜି ସ୍ୱାକ୍ଷରିତ ଏହି ବୁଝାମଣାପତ୍ର ଦେଶର ସମସ୍ତ ପ୍ରମୁଖ ସହରକୁ ସ୍ୱଚ୍ଛ କରିବା ପାଇଁ ଏକ ଆଦର୍ଶ ମଡେଲ୍ ଭାବେ କାର୍ଯ୍ୟ କରିବ । ସେ କହିଛନ୍ତି ଯେ, ଏହି ପଦକ୍ଷେପ ଦ୍ୱାରା କେବଳ ପଶୁପାଳକମାନଙ୍କ ଆୟ ବୃଦ୍ଧି ପାଇବ ନାହିଁ, ବରଂ ସ୍ୱଚ୍ଛତା ବୃଦ୍ଧି ପାଇବ, କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ (ସିବିଜି) ଉତ୍ପାଦନ ହେବ ଏବଂ ଜୈବିକ କୃଷିକୁ ମଧ୍ୟ ଏହା ବ୍ୟାପକ ପ୍ରୋତ୍ସାହନ ଯୋଗାଇବ । ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଦେଶର ସମସ୍ତ ନାଗରିକ ଯମୁନା ନଦୀର ଜଳ ସ୍ୱଚ୍ଛ ହେଉ ବୋଲି ଇଚ୍ଛା କରନ୍ତି, କିନ୍ତୁ ଯମୁନା ନଦୀରେ ପଡୁଥିବା ଆବର୍ଜନା ଏବଂ ବର୍ଜ୍ୟ ନିଷ୍କାସନକୁ ବନ୍ଦ ନ କରିଲେ ଏହି କଳ୍ପନା ସାକାର ହେବା ସମ୍ଭବ ନୁହେଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଯମୁନା ନଦୀର ବିଶୋଧନ ସଂକଳ୍ପକୁ ସାକାର କରିବା ଦିଗରେ ଏହି ବୁଝାମଣାପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ, ନର୍ଦ୍ଦମା ଜଳ ଏବଂ ଶିଳ୍ପ ବର୍ଜ୍ୟବସ୍ତୁର ବିଶୋଧନ ପାଇଁ ଦିଲ୍ଲୀରେ ପ୍ରାୟ ୮୦ଟି ଟ୍ରିଟମେଂଟ ପ୍ଲାଂଟର କାର୍ଯ୍ୟ ଆରମ୍ଭ ହୋଇସାରିଛି । ଭବିଷ୍ୟତରେ ଯମୁନା ନଦୀରେ ଯେପରି ଗୋବରର ଏକ ଛୋଟ ପରିମାଣ ମଧ୍ୟ ପ୍ରବେଶ ନ କରେ ତାହା ନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ୧.୨୫ ଲକ୍ଷରୁ ଅଧିକ ଗୋରୁଙ୍କ ବର୍ଜ୍ୟବସ୍ତୁର ଉପଯୁକ୍ତ ନିଷ୍କାସନ ବିନା ଏହା ସମ୍ଭବ ହେବ ନାହିଁ । ଶ୍ରୀ ଶାହ କହିଛନ୍ତି, ଡିସେମ୍ବର ୨୦୨୮ ସୁଦ୍ଧା ଆମେ ଏହା ସୁନିଶ୍ଚିତ କରିବୁ ଯେ, ଯମୁନା ନଦୀକୁ ଗୋଟିଏ ଲିଟର ମଧ୍ୟ ମଇଳା ଜଳ ପ୍ରବେଶ କରିବ ନାହିଁ । ଶ୍ରୀ ଅମିତ ଶାହ କହିଛନ୍ତି ଯେ, ନାଙ୍ଗଲି, ଘୋଘା-ଗୋୟଲା ଏବଂ ଗାଜିପୁର ବର୍ଜ୍ୟବସ୍ତୁ ନିଷ୍କାସନ ପ୍ଲାଂଟଗୁଡ଼ିକରେ ଗୋବର ପ୍ରକ୍ରିୟାକରଣ କାର୍ଯ୍ୟ ସମ୍ପନ୍ନ ହେବ । ସମସ୍ତ ସହରାଂଚଳରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଦେଶର କୋଟି କୋଟି ପଶୁପାଳକଙ୍କ ଆୟ ବୃଦ୍ଧି ପାଇଁ ଏହି ପ୍ରତୀକାତ୍ମକ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଯେ, ଆଜି ସ୍ୱାକ୍ଷରିତ ଏହି ବୁଝାମଣାପତ୍ର ଦେଶର ସମସ୍ତ ମହାନଗର ପାଇଁ ଏବଂ ପରବର୍ତ୍ତୀ ସମୟରେ ଗୋବର ପ୍ରକ୍ରିୟାକରଣ ମାଧ୍ୟମରେ ଦେଶବ୍ୟାପୀ ଗ୍ରାମାଂଚଳର ପଶୁପାଳକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ । ସେ କହିଛନ୍ତି, ଏହି ବୁଝାମଣାପତ୍ରରେ ପଶୁପାଳକମାନଙ୍କୁ ପ୍ରତି କିଲୋଗ୍ରାମ ଗୋବର ପିଛା ୧ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ।

# ବଲାଙ୍ଗିର ଅମୃତ ଭାରତ ଷ୍ଟେସନ - ପରିବର୍ତ୍ତନର ଏକ ନୂତନ ଯାତ୍ରା, ଆଧୁନିକତା ଓ ଐତିହ୍ୟର ସମନ୍ୱୟ

ଭୁବନେଶ୍ୱର : ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର ରେଳ ଷ୍ଟେସନକୁ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଏକ ଆଧୁନିକ ଏବଂ ଯାତ୍ରୀ-ଅନୁକୂଳ ରେଳ ଷ୍ଟେସନରେ ରୂପାନ୍ତରିତ କରାଯାଇଛି । ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଥିରେ ସ୍ଥାନୀୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବହନ କେନ୍ଦ୍ର ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି । ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ପୁନର୍ନିର୍ମାଣ ଏହି ଉନ୍ନତ ବଲାଙ୍ଗୀର ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ସହିତ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିଚୟର ମିଶ୍ରଣ ଦେଖିବାକୁ ମିଳୁଛି । ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣକୁ ଯଥେଷ୍ଟ ମଜଭୁତ କରିବା ସହ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ଏହି ଅଂଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି । ଷ୍ଟେସନକୁ ବ୍ୟାପକ ଭାବରେ ଉନ୍ନତ କରାଯାଇଛି, ଯେଉଁଥିରେ ଏକ ନୂତନ ଷ୍ଟେସନ ଭବନ , ବାଧାମୁକ୍ତ ପ୍ରବେଶ ପାଇଁ ଲିଫ୍ଟ ସୁବିଧା ସହ ୧୨ ମିଟର ଓସାରର ଫୁଟ୍ ଓଭର ବ୍ରିଜ୍ ଏବଂ ଗାଡ଼ି ଚଳାଚଳକୁ ସୁଗମ କରିବା ପାଇଁ ପ୍ରବେଶ ପଥକୁ ଚଉଡ଼ା କରାଯାଇଛି । ଅନ୍ୟାନ୍ୟ ପ୍ରମୁଖ ସୁଧାର ମଧ୍ୟରେ ଉନ୍ନତ ପ୍ଲାଟଫର୍ମ ଏବଂ ପ୍ଲାଟଫର୍ମ ସେଲ୍ଟର, ଅପଗ୍ରେଡ୍ ହୋଇଥିବା ଅପେକ୍ଷା ସ୍ଥଳୀ , ଆଧୁନିକ ଶୌଚାଳୟ ସୁବିଧା ଏବଂ ଯାତ୍ରୀଙ୍କ ସୁବିଧା ଓ ସହଜ ଯାତାୟାତ ପାଇଁ ଯାତ୍ରୀ ସୂଚନା ସଂକେତ ବ୍ୟବସ୍ଥା ରହିଛି । ସୁଗମ ଯାତାୟାତ ପାଇଁ ସର୍କୁଲେଟିଂ ଏବଂ ପାର୍କିଂ ଅଂଚଳଗୁଡ଼ିକୁ ମଧ୍ୟ ସତର୍କତାର ସହ ନବୀକରଣ କରାଯାଇଛି । ଏହି ଅଂଚଳର ସାଂସ୍କୃତିକ ଐତିହ୍ୟକୁ ପାଳନ କରି, ଷ୍ଟେସନର ସ୍ଥାପତ୍ୟ ଡିଜାଇନରେ ବଲାଙ୍ଗୀରର ସମୃଦ୍ଧ ଐତିହ୍ୟରୁ ଅନୁପ୍ରାଣିତ ହୋଇ ସମ୍ବଲପୁରୀ ହସ୍ତତନ୍ତ, ପାରମ୍ପରିକ ଢୋକ୍ରା ଧାତୁ କଳା ଏବଂ ସ୍ୱତନ୍ତ୍ର ଆଦିବାସୀ କଳାର ମୋଟିଫଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ।







Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**